ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳନ ଅବସରରେ ସୋମବାର ପୂର୍ବାହ୍ନ ୧୧ଟାରେ ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ 'ବନ୍ଦେ ମାତରମ୍'ର ସାମୂହିକ ଗାନ କରାଯାଇଛି। ରାଜ୍ୟର ୧୬ହଜାରରୁ ଅଧିକ ଶିକ୍ଷାନୁଷ୍ଠାନରେ ୨୧ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଜାତୀୟ ଗୀତକୁ ଗାନ କରି ଦେଶପ୍ରୀତିର ବାର୍ତ୍ତା ଦେଇଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଏହି ଦେଶାତ୍ମବୋଧକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ଏକାଠି ହୋଇ ମା' ଭାରତୀଙ୍କ ବନ୍ଦନା କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନକୁ ନେଇ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଖୁସିବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ବର୍ଣ୍ଣନା କରିବା ସହ ଯୁବବର୍ଗଙ୍କ କଣ୍ଠରେ ବନ୍ଦେ ମାତରମ୍‌ର ସାମୂହିକ ଗାନ ରାଷ୍ଟ୍ର ପ୍ରତି ରହିଥିବା ଆମର ଅନନ୍ୟ ସମର୍ପଣ ଭାବର ଏକ ନିଚ୍ଛକ ନିଦର୍ଶନ ବୋଲି ସେ ମତପ୍ରକାଶ କରିଛନ୍ତି।

ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି– ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। **–ଶ୍ରୀଅରବିନ୍ଦ**

-ନବାଙ୍କ ବେଢ଼ା,
ମାସାନ୍ତ



# ଇତିହାସର ପ୍ରତିଶୋଧ ବୋକାମି

ନୂଆଦିଲ୍ଲୀଠାରେ ଜାନୁଆରୀ ୧୦ରେ 'ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍' ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଭାରତକୁ କେବଳ ସୀମାରେ ନୁହେଁ, ସମସ୍ତ କ୍ଷେତ୍ରରେ ସଶକ୍ତ ହେବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଆମକୁ ଆମ ଇତିହାସର ପ୍ରତିଶୋଧ ନେବାକୁ ହେବ। ଆମର ଏକ ବିକଶିତ ସଭ୍ୟତା ଥିଲା। ଆମେ କାହାର ମନ୍ଦିର ଭାଙ୍ଗି ନ ଥିଲୁ। ଆମେ କେବେ ବିଦେଶୀଙ୍କ ଉପରେ ଆକ୍ରମଣ କରିନାହୁଁ, ଯେତେବେଳେ ଅବଶିଷ୍ଟ ବିଶ୍ୱ ଦୁର୍ବଳ ଥିଲା। ପୂର୍ବତନ ଗୋଇନ୍ଦା ବ୍ୟୁରୋ ମୁଖ୍ୟ ୮୦ ବର୍ଷୀୟ ଡୋଭାଲ ପୁଣି କହିଛନ୍ତି, ଆମ ପୂର୍ବପୁରୁଷମାନେ ବଡ଼ ବଡ଼ ତ୍ୟାଗ କରିଥିଲେ। ସେମାନେ ବଡ଼ ଅପମାନ ସହିଥିଲେ ଓ ଗଭୀର ଅସହାୟତାର ସମୟ ଅତିବାହିତ କରିଥିଲେ। ଆମ ମନ୍ଦିରଗୁଡ଼ିକ ଲୁଟ୍ ହୋଇଥିଲା, ଆଉ ଆମେ ନୀରବ ଦର୍ଶକ ଭାବେ ସବୁକିଛି ଦେଖୁଥିଲୁ। ଏହି ଇତିହାସ ଆଜିର ଯୁବବର୍ଗଙ୍କ ମଧ୍ୟରେ ଅଗ୍ନି ପ୍ରଜ୍ୱଳନ କରିବା ଉଚିତ ବୋଲି ସେ କହିଛନ୍ତି। 'ପ୍ରତିଶୋଧ' ଶବ୍ଦଟି ଉପଯୁକ୍ତ ନ ହୋଇପାରେ ବୋଲି ସ୍ୱୀକାର କରି ସେ କହିଛନ୍ତି ଯେ, ଏହା ସୁରକ୍ଷାରୁ ଆର୍ଥିକ ଓ ସାମାଜିକ ବିକାଶ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତକୁ ପୁନଃନିର୍ମାଣ କରିବା ପାଇଁ ଏକ ଶକ୍ତିଶାଳୀ ପ୍ରେରଣାଦାୟୀ ଶକ୍ତି ହୋଇପାରେ।

ଜଣେ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ଭାଷାକୁ କୂଟନୀତି ଓ ରଣନୀତିକୁ ମିଶାଇ କରି ବିଚାର କରାଯାଇପାରେ। କିନ୍ତୁ ସେ ଯେଭଳି ଭାବେ 'ପ୍ରତିଶୋଧ' ଭଳି ଶବ୍ଦ ବ୍ୟବହାର କରିଛନ୍ତି, ତାହାକୁ ଭାରତୀୟ ମାନସିକତା କିଭଳି ଗ୍ରହଣ କରିବ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦେଶର ବର୍ତ୍ତମାନର ଆଭ୍ୟନ୍ତରୀଣ ସାମ୍ପ୍ରଦାୟିକ ଘୃଣାଭାବ ଓ ଅନ୍ତର୍ଜାତୀୟ ସ୍ତରରେ ଅପମାନଜନକ ଅସହାୟତାର ପରିବେଶରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଐତିହାସିକ ଅନ୍ୟାୟକୁ ଉଠାଇବା ଦେଶର ସୂକ୍ଷ୍ମ ସାମାଜିକ ସମ୍ବନ୍ଧକୁ ଆହୁରି ଦୁର୍ବଳ କରିବା ସହ ବିଶ୍ୱସ୍ତରରେ ଭାରତର ପ୍ରତିଛବିକୁ କ୍ଷତି ପହଞ୍ଚାଇପାରେ। ଜାତୀୟ ଉଦ୍ଦେଶ୍ୟକୁ ଐତିହାସିକ ପ୍ରତିଶୋଧ ଭାବରେ ଚିତ୍ରଣ କରିବା ଦେଶକୁ ସର୍ବଦା ନିଜେ ଶିକାର ମାନସିକତାରେ ବୁଡ଼ାଇବାର ଚେଷ୍ଟା ବୋଲି କୁହାଯାଇପାରେ। ଦେଶରେ ବେକାରି, ଅସମାନତା ଓ ଲୋକଙ୍କ ଦୈନନ୍ଦିନ ଚଳଣି ଖର୍ଚ୍ଚ ବୃଦ୍ଧି ଆଦି ସମସ୍ୟାରୁ ସମ୍ଭବତଃ ଦୃଷ୍ଟି ହଟେଇବା ପାଇଁ ଏଭଳି ଆହ୍ୱାନ ଦିଆଯାଇଛି। ଅତୀତର ପ୍ରତିଶୋଧ ନେବା ଭଳି ଭାଷା ପ୍ରୟୋଗ ଦେଶର ଶୀର୍ଷ ନିରାପତ୍ତା ଅଧିକାରୀଙ୍କଠାରୁ ଆସିବା ପଡ଼ୋଶୀ କିମ୍ବା ମିତ୍ରରାଷ୍ଟ୍ରଗୁଡ଼ିକୁ ଅସ୍ଥିର କରିପାରେ। କାରଣ ସବୁ ପଡ଼ୋଶୀଙ୍କ ସହ ଭାରତର ଏବେ ଅପଡ଼ ସମ୍ପର୍କ ବିଷୟ ଜଣାଶୁଣା। ଭୂରାଜନୈତିକ ସ୍ଥିତିରେ ଭାରତକୁ ନିଜର ଶକ୍ତି ଓ ସାମର୍ଥ୍ୟ ବିଷୟରେ ଜଣାଇବା ପାଇଁ ବ୍ୟାଖ୍ୟାନର ସାହାରା ନେବାକୁ ପଡୁଛି। କହିବାକୁ ଗଲେ ଡୋଭାଲ ଯେଉଁ ସ୍ୱରରେ ତାଙ୍କ ବକ୍ତବ୍ୟ ରଖିଛନ୍ତି, ତାହା ରାଜନୈତିକ ନେତାଙ୍କ କ୍ଷେତ୍ରରେ ହୁଏତ ଶୋଭା ପାଇଥାଆନ୍ତା। କିନ୍ତୁ ଦେଶର ଶୀର୍ଷ ସୁରକ୍ଷା ଅଧିକାରୀଙ୍କଠାରୁ ଏହା ଉଚ୍ଚାରିତ ହେବା ସମସ୍ୟା ଡାକିପାରେ। ବୈଦେଶିକ ବା କୂଟନୈତିକ ଭାଷା ମାପିଚୁପି କୁହାଯାଇଥାଏ। ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ଇତିହାସକୁ ପ୍ରତିଶୋଧ ନିଆଯାଇପାରିବ ନାହିଁ। କେବଳ ତା'ଠାରୁ ଶିକ୍ଷା ନେଇ ଭବିଷ୍ୟତରେ କିଭଳି ସେହି ଭୁଲ୍‌ର ପୁନରାବୃତ୍ତି ନ ହେବ ସେହିଦିଗରେ ଏବର ମଣିଷ ସଜାଗ ହେବା କଥା। ଅତୀତରେ ଯଦି କିଛି ଅନ୍ୟାୟ ଘଟିଥାଏ, କଦାପି ଏବେ ସୁଧୁରାଯାଇପାରିବ ନାହିଁ, ମୃତକଙ୍କୁ ପୁନର୍ଜୀବିତ କରାଯାଇପାରିବ ନାହିଁ ଏବଂ ଯନ୍ତ୍ରଣାକୁ ପୋଛି ଦିଆଯାଇପାରିବ ନାହିଁ। କୁହାଯାଇଥାଏ ପୁରୁଣା କଥାକୁ ରୋମନ୍ଥନ କରିବା କେବଳ ସମୟର ଅପଚୟ। ମାନବ ଜାତିର ଇତିହାସରେ ପ୍ରତ୍ୟେକ ସମାଜ କୌଣସି ନା କୌଣସି ରୂପରେ ଅତ୍ୟାଚାରର ଶିକାର ହୋଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅତୀତର ଭୁଲ୍‌ରୁ ଶିକ୍ଷା ନେବା ଓ ସମସ୍ତଙ୍କ କଲ୍ୟାଣ ସୁନିଶ୍ଚିତ କରୁଥିବା ଏକ ସମାଜ ହୁଏତ ପୁନଃନିର୍ମାଣ କରାଯିବାର ଚେଷ୍ଟା ବର୍ତ୍ତମାନର ପିଢ଼ି କରିବା ଦରକାର।

ଏଠାରେ କେତୋଟି ଉଦାହରଣ ଦେଖାଯାଉ। ଜାପାନ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଦୁଇଟି ପରମାଣୁ ବୋମାରେ ନଷ୍ଟ ହେବା ସହ ଅପମାନଜନକ ପରାଜୟ ଭୋଗିଥିଲା। କିନ୍ତୁ ସେ ବିନାଶ ଓ ପରାଜୟକୁ ଆର୍ଥିକ ପୁନରୁତ୍ଥାନରେ ପରିଣତ କଲା। ପ୍ରତିଶୋଧ ଖୋଜିବା ବଦଳରେ ସେ ବିଶ୍ୱସ୍ତରୀୟ ଔଦ୍ୟୋଗିକ ଶକ୍ତି ହୋଇ ଇତିହାସର ଜବାବ ଦେଲା। ସେହିପରି ଜର୍ମାନୀ ମଧ୍ୟ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଧ୍ୱଂସ ହୋଇଥିଲା। କିନ୍ତୁ ବିଳାପ ଓ ଘୃଣା କରିବା ବଦଳରେ ସେ ୟୁରୋପର ସବୁଠାରୁ ଶକ୍ତିଶାଳୀ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇପାରିଛି। ଇହୁଦୀମାନେ ଦୀର୍ଘ ସମୟ ଧରି ଗଣହତ୍ୟା ଓ ଅପମାନର ଶିକାର ହୋଇଆସିଛନ୍ତି। କିନ୍ତୁ ଆଜି ଇସ୍ରାଏଲ ମଧ୍ୟପ୍ରାଚ୍ୟରେ ଶକ୍ତିଶାଳୀ ରାଷ୍ଟ୍ର ଭାବେ ନିଜକୁ ଗଢ଼ିତୋଳି ସେଠାକାର ସମଗ୍ର ଭୂଖଣ୍ଡ ଉପରେ ପ୍ରଭାବ ବିସ୍ତାର କରିପାରିଛି।

ଏବକାର ଭାରତୀୟ ଯୁବପିଢ଼ି ବୁଝିବା ଦରକାର 'ଭାରତ' ବୋଲି କୌଣସି ଗୋଟିଏ ଦେଶ କେବେ ନ ଥିଲା। ଏହି ସମଗ୍ର ଭୂଖଣ୍ଡରେ ଅନେକ ରାଜା ମହାରାଜାଙ୍କ ଶାସନ ଦୀର୍ଘ ଶତାବ୍ଦୀ ଧରି ଚାଲିଆସିଥିଲା। ଯେଉଁ ଅଞ୍ଚଳକୁ ଭାରତବର୍ଷ ବୋଲି କୁହାଯାଉଥିଲା ଏହି ଉପମହାଦେଶର ଉତ୍ତର ଭାଗରେ ଏକ ସୀମିତ ଅଞ୍ଚଳ ମାତ୍ର, ଯେଉଁଥିରେ ଓଡ଼ିଶା ଓ ତାମିଲନାଡୁ ଭଳି ରାଜ୍ୟ ମଧ୍ୟ ସାମିଲ ନ ଥିଲେ। ୧୯୪୭ ମସିହାରେ ବ୍ରିଟିଶ ଶାସନରୁ ସ୍ୱାଧୀନତା ପାଇବା ପରେ ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଏକ ମୁଖ୍ୟ ମୁଣ୍ଡବ୍ୟଥା ଥିଲା କେଉଁଭଳି ଉପାୟରେ ସେତେବେଳର ୫୬୨ ରାଜା ମହାରାଜାଙ୍କୁ ଧନରେ ବାପଲେ କହି କିମ୍ବା ଧମକାଇ ଏକତ୍ରିତ କରି ଗୋଟିଏ ଦେଶ ସୃଷ୍ଟି କରିବେ। ଯଦି କେହି ଭାବୁଥାଏ ଯେ, ହିନ୍ଦୁଧର୍ମ ଏହି ଉପମହାଦେଶର ସମସ୍ତଙ୍କୁ ଯୋଡ଼ୁଥିଲା, ତେବେ ତାହା ମଧ୍ୟ ଏକ ତ୍ରୁଟିପୂର୍ଣ୍ଣ ଧାରଣା। ସେହି ଯୁଗ ଭାରତରେ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଠାକୁରାଣୀ ଠାକୁରଙ୍କୁ ପୂଜା କରାଯାଉଥିଲା। ଓଡ଼ିଶାର କୌଣସି ଗ୍ରାମାଞ୍ଚଳରେ ପୁରାତନ ରାମ ମନ୍ଦିର ଦେଖିବାକୁ ମିଳେନାହିଁ। ସେହିଭଳି ଉତ୍ତରପ୍ରଦେଶ କିମ୍ବା ରାଜସ୍ଥାନରେ ପୁରୁଣା ଜଗନ୍ନାଥ ମନ୍ଦିର ମଧ୍ୟ ଖୋଜିଲେ ମିଳିବ ନାହିଁ। ଯଦି ଧର୍ମକୁ ନେଇ ଦେଶ ସୃଷ୍ଟି ହେଉଥାଆନ୍ତା, ତେବେ ୟୁରୋପ ଗୋଟିଏ ଦେଶ ହୋଇଥାଆନ୍ତା ଏବଂ ସେହିଭଳି ଦକ୍ଷିଣ ଆମେରିକା ମଧ୍ୟ ଗୋଟିଏ ଭାଷା ଓ ଗୋଟିଏ ଧର୍ମ ଯୋଗୁ (ବ୍ରାଜିଲ ବ୍ୟତୀତ) ଗୋଟିଏ ଦେଶ ହୋଇଥାଆନ୍ତା। ଭାରତରେ ଭାଷା ସମ୍ପୂର୍ଣ୍ଣ ଭିନ୍ନ ଏବଂ ଧର୍ମର ବିବିଧ ରୂପ ରହିଛି। ତେଣୁ ବିଦେଶୀ ଆକ୍ରମଣକାରୀମାନେ ଡୋଭାଲଙ୍କ ପୂର୍ବପୁରୁଷଙ୍କ ଉପରେ କେଉଁଭଳି ଅତ୍ୟାଚାର କରିଥିଲେ, ତାହା ସମ୍ଭବତଃ କେହି ଓଡ଼ିଆ ଜାଣି ନ ଥିବେ। କିନ୍ତୁ ଓଡ଼ିଶାର ଇତିହାସ ସମ୍ପର୍କରେ କ୍ଷୁଦ୍ର ଜ୍ଞାନ ଥିବା ବ୍ୟକ୍ତି ଜାଣିଥିବେ ଯେ, ଓଡ଼ିଶା ମାଟି ଉପରେ ବର୍ଗୀ ବା ମରାଠା ହିନ୍ଦୁମାନେ ଆମର ପୂର୍ବପୁରୁଷଙ୍କୁ ବହୁମାତ୍ରାରେ ନିର୍ଯାତନା ଦେଇଥିଲେ।

ଏବର ସମୟରେ ଭାରତୀୟମାନେ ଦେଶର ନେତୃତ୍ୱଙ୍କଠାରୁ ଅତ୍ୟଧିକ ବକ୍ତବ୍ୟ ଓ ଅନାବଶ୍ୟକ ବୋଲି ଶୁଣୁଛନ୍ତି। ପ୍ରକୃତରେ ଦେଶରେ କେବଳ ଦେଶବାସୀଙ୍କ ଜୀବନ ଅତ୍ୟନ୍ତ ଆର୍ଥିକ କଷ୍ଟ ଦେଇ ଗତି କରୁଛି। ବୈଦେଶିକ ନୀତିର ବିଫଳତା ଭାରତକୁ ପ୍ରାୟ ଏକଘରିଆ କରିଦେଲାଣି। ଏଭଳି କଠିନ ସମୟରେ ଆମ ନେତା ଓ ନୀତି ନିର୍ଦ୍ଧାରକମାନେ ଭବିଷ୍ୟତକୁ ଅନିଶା କରିବା ଦରକାର। ବିଶ୍ୱସ୍ତରରେ ଦେଖାଦେଉଥିବା ପରିବର୍ତ୍ତନ ସହ ତାଳ ମିଳାଇ ଆଗକୁ ବଢ଼ିବାକୁ ପଡ଼ିବ। ଆମେରିକା, ଚାଇନା ଓ ରୁଷିଆ ଭବିଷ୍ୟତ ପାଇଁ ନିଜ ନିଜ ପ୍ରଭାବ କ୍ଷେତ୍ର ଗଢ଼ିଛନ୍ତି। ଭାରତ ଏବେ ମଧ୍ୟ ନିଷ୍ପତ୍ତି ନେଇପାରୁ ନାହିଁ କେଉଁ କ୍ଷେତ୍ରରେ ନିଜର ପ୍ରଭାବ ବିସ୍ତାର କରି ଏକ ଅନନ୍ୟ ରାଷ୍ଟ୍ର ଭାବେ ପ୍ରାସଙ୍ଗିକତା ବହନ କରିବ। କ୍ଷୁଦ୍ର ଆଭ୍ୟନ୍ତରୀଣ ରାଜନୈତିକ ଫାଇଦା ପାଇଁ ଇତିହାସକୁ ରୋମନ୍ଥନ କରି ସମୟ ନଷ୍ଟ କରାଯିବାର ସମୟ ଅତିକ୍ରାନ୍ତ ହେଲାଣି ବୋଲି ନୀତି ନିର୍ଦ୍ଧାରଣ କରୁଥିବା ବର୍ଗ ହେଜିବା ଦରକାର।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 9 | | | | | | | 4 |
| | | | | | 1 | | | |
| 2 | | 5 | | | | | | 3 |
| 7 | | | | 4 | 2 | | 3 | |
| | 8 | | | 6 | | | | |
| | | 9 | | | | 5 | 6 | |
| | 4 | | | | 7 | 6 | | 1 |
| | | | | | | | | |
| | | | 3 | | 6 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 4 | 1 | 9 | 8 | 3 | 5 | 2 |
| 5 | 1 | 3 | 4 | 7 | 2 | 9 | 8 | 6 |
| 2 | 8 | 9 | 5 | 6 | 3 | 7 | 1 | 4 |
| 3 | 5 | 7 | 8 | 4 | 1 | 2 | 6 | 9 |
| 8 | 9 | 2 | 6 | 3 | 7 | 1 | 4 | 5 |
| 1 | 4 | 6 | 2 | 5 | 9 | 8 | 7 | 3 |
| 6 | 7 | 8 | 3 | 2 | 5 | 4 | 9 | 1 |
| 9 | 2 | 5 | 7 | 1 | 4 | 6 | 3 | 8 |
| 4 | 3 | 1 | 9 | 8 | 6 | 5 | 2 | 7 |

ଗତକାଲିର ଉତ୍ତର

# 'ୟେସ୍' କହିଲେ ସବୁ ଶେଷ



ଡ. ତପନ କୁମାର ପାଳ

ଆପଣଙ୍କୁ ଶୀର୍ଷକଟି ଆଶ୍ଚର୍ଯ୍ୟଜନକ ଲାଗିପାରେ। ଆମ ଭାରତୀୟ କଥିତ ଭାଷାରେ ୟେସ୍ ଅର୍ଥ ଗ୍ରହଣୀୟତା। ଏହା ଏକ ପ୍ରତିକାତ୍ମକ ଭଲ ପାଇବାର ଭାବନାକୁ ଚିତ୍ରିତ କରିଥାଏ। ଆମ୍ଭେମାନେ ଅନେକ କ୍ଷେତ୍ରରେ ୟେସ୍ ଶବ୍ଦଟି ବ୍ୟବହାର କରିଥାଉ। ତେବେ ଆମେ ଯେଉଁ ୟେସ୍‌ର ଆଲୋଚନା କରୁଛୁ ତାହା ନିଶ୍ଚିନ୍ତ ଭାବେ ଯେତିକି ଚିନ୍ତାଜନକ ସେତିକି ଆଶ୍ଚର୍ଯ୍ୟକର ମଧ୍ୟ। ବର୍ତ୍ତମାନ ଡିଜିଟାଲ ଆରେଷ୍ଟପରି ଏହି ଭୟାନକ ଅଦୃଶ୍ୟ 'ୟେସ୍ ସ୍କାମ୍' ଲୋକଙ୍କୁ କାଙ୍ଗାଳ କରିଦେଉଛି। ଆଖି ପିଛୁଳାକେ ଅନେକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅର୍ଥରାଶି ଉଭାନ ହୋଇଯାଉଛି। ମୋବାଇଲରେ ବିଶେଷକରି ମେସେଜ ବ୍ୟବସ୍ଥାରେ ଏପରି ସ୍କାମ୍‌ରମାନଙ୍କ ଅଦୃଶ୍ୟ ଚେହେରାକୁ କେହି ଦେଖି ପାରୁନାହାନ୍ତି ଆଉ ପୋଲିସର ସାଇବର ବିଭାଗ ଏହାକୁ ଠାବ କରିବା ମଧ୍ୟ ମୁସ୍କିଲ ହୋଇପଡୁଛି।

ଆପଣ ମୋବାଇଲରେ ପ୍ରାୟତଃ ଆର୍ଥିକ କାରବାର କରୁଥିବେ। ଭାରତରେ ଡିଜିଟାଲ ବ୍ୟବସ୍ଥା ଲୋକମାନଙ୍କୁ ସୁଲଭ, ହାତପାହାନ୍ତାରେ ତତ୍କାଳ ସେବା ପ୍ରଦାନ କରୁଥିବାରୁ ଅନେକେ ଏହାକୁ ବିଶେଷ ଭାବେ ଗ୍ରହଣ କରୁଛନ୍ତି। ତେବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆମର ଆଜିର ଆଲୋଚନାଟି ରଖୁଛୁ। ଆପଣ ମୋବାଇଲ ବ୍ୟବହାର କରୁଥିବା ସମୟରେ ଧରନ୍ତୁ କେହି ଜଣେ ପ୍ରଥମେ ଆପଣଙ୍କୁ କଲ୍ କରି ଆପଣଙ୍କ ନାଁ ଧରି ପ୍ରଶ୍ନଟି ପଚାରିବ। ଅପର ପାର୍ଶ୍ୱ ଜଣଙ୍କ ଆପଣଙ୍କ ନାଁ ଧରି ପଚାରୁଛି ଅର୍ଥ ଆପଣ ବିନା ଦ୍ୱିଧାରେ 'ୟେସ୍' ନିଶ୍ଚିନ୍ତ ଭାବେ କହିବେ। କାରଣ ଏହା ଏକ କଥୋପକଥନର ସର୍ବନିମ୍ନ ଶାଳୀନତା। ତେବେ ଆପଣଙ୍କର ଏହି ଗୋଟିଏ 'ୟେସ୍' ଶବ୍ଦ ଆପଣଙ୍କୁ କାଙ୍ଗାଳ କରିଦେବ। ସେହି ୟେସ୍ କହିବାର କିଛି କ୍ଷଣ ଭିତରେ ଆପଣଙ୍କ ଆକାଉଣ୍ଟରେ ଥିବା ତମାମ ଅର୍ଥରାଶିକୁ ଅଦୃଶ୍ୟ ଅନ୍‌ଲାଇନର ସାଇବର ଠକ ପୂରାପୂରି ପୋଛି ଦେଇଥିବେ। ହଁ, କେହି କେହି ଓଟିପି ସମ୍ପର୍କରେ ପ୍ରଶ୍ନ ପଚାରି ପାରନ୍ତି, ତେବେ ଏହି ନୂଆ ୟେସ୍ ମାୟାଜାଲରେ ଆପଣଙ୍କୁ କୌଣସି ଓଟିପି ଦେବାକୁ ପଡ଼ିବ ନାହିଁ। ସାଇବର କ୍ଷେତ୍ରରେ ଭୟାନକ ଠକମାନେ ଏଭଳି ଅନେକ ପ୍ରଶ୍ନ ପଚାରି ପାରନ୍ତି, ଯାହାର ଉତ୍ତର କେବଳ 'ୟେସ୍', ଯାହାକୁ ଓଡ଼ିଆରେ ହଁ କୁହାଯାଏ। ସେମାନଙ୍କର ବ୍ୟବସ୍ଥା ହେଉଛି ଆପଣଙ୍କଠାରୁ କେବଳ ୟେସ୍ ଶବ୍ଦଟି ଗ୍ରହଣ କରିବା। ଏହାପଛର ଯେଉଁ ଅଦୃଶ୍ୟ ଠକାମିର କାରନାମା ରହିଛି ତାହା ଜାଣିଲେ ଦେହ ଶୀତେଇ ଉଠିବ। କାରଣ ୟେସ୍ ଶବ୍ଦଟି କହୁଥିବା ଆପଣଙ୍କ କଣ୍ଠସ୍ୱରର ରେକର୍ଡ଼ ହିଁ ସେମାନଙ୍କ ପାଇଁ ଯଥେଷ୍ଟ। ଆପଣଙ୍କ କଣ୍ଠସ୍ୱରରେ ଥିବା ୟେସ୍ ଶବ୍ଦକୁ ନେଇ ସାଇବର ଅପରାଧୀମାନେ ନୂଆ ଆକାଉଣ୍ଟ ଖୋଲିଥାନ୍ତି। ପରବର୍ତ୍ତୀ ସମୟରେ ଏଥିରେ କେବଳ ଦେଣନେଣ ହୋଇନଥାଏ ବରଂ ମୋଟାଅଙ୍କର ଋଣ ମଧ୍ୟ ଆବେଦନ ହୋଇଥାଏ। ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରମାଣ ସ୍ୱରୂପ ଆପଣଙ୍କ ୟେସ୍ କଣ୍ଠସ୍ୱରକୁ ଭଏସ୍ ବାୟୋମେଟ୍ରିକ ସିଷ୍ଟମ ବ୍ୟବସ୍ଥାରେ ଗ୍ରହଣ କରି



ଭଏସ୍ କଲ୍ ଜରିଆରେ ଋଣ ମଞ୍ଜୁର କରିଥାନ୍ତି। ବର୍ତ୍ତମାନ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଜଣଙ୍କର କଣ୍ଠସ୍ୱର ମଧ୍ୟ ବ୍ୟାଙ୍କ ଆକାଉଣ୍ଟର ପାସ୍‌ୱାର୍ଡ ବି ହୋଇପାରେ।

ୟେସ୍ ଅଦୃଶ୍ୟ, ଭୟାନକ ଠକମାନଙ୍କଠାରୁ ରକ୍ଷା ପାଇବା ପାଇଁ ସର୍ବପ୍ରଥମେ ଗୋଟିଏ କଥାକୁ ଭଲ ଭାବେ ମନେରଖନ୍ତୁ ଯେ, ଆପଣ କୌଣସି ଅଜଣା ବ୍ୟକ୍ତି ବା ସଂସ୍ଥାଠାରୁ ଆପଣଙ୍କ ସମ୍ବନ୍ଧିତ ଫୋନ୍ କଲ୍ ପାଉଥିଲେ ସର୍ବନିମ୍ନ ଭାବେ ୟେସ୍ କିମ୍ବା ହଁ ଆଦୌ କୁହନ୍ତୁ ନାହିଁ। ଅନେକ କ୍ଷେତ୍ରରେ ଦେଖାଯାଏ କେତେକ ଆକାଉଣ୍ଟଧାରୀଙ୍କର ଖାତା ଖୋଲିଲା ବେଳେ ଭଏସ ବାୟୋମେଟ୍ରିକ୍ସ ଅଥେଣ୍ଟିକେଶନ୍ ସିଷ୍ଟମ ରଖିଥାନ୍ତି, ତେଣୁ ଏ କ୍ଷେତ୍ରରେ ତୁରନ୍ତ ନିଜର ଖାତା ଖୋଲିଥିବା ବ୍ୟାଙ୍କକୁ ଯାଇ ଏହି ବ୍ୟବସ୍ଥାକୁ ତୁରନ୍ତ ଡିଜାବଲ୍ କରନ୍ତୁ, ଯାହାଦ୍ୱାରା ଆପଣ ଏହି ୟେସ୍ ସ୍କାମ୍‌ର ଭୟାନକ ଠକାମିରୁ ବର୍ତ୍ତି ପାରିବେ। ସେହିପରି ଆଉ ଏକ ଅଦୃଶ୍ୟ ଅନ୍‌ଲାଇନ ଠକଙ୍କ କାରନାମା ହେଉଛି 'ଜାମ୍ ଡିପୋଜିଟ ସ୍କାମ୍'। ଉଦାହରଣସ୍ୱରୂପ, ବ୍ୟାଙ୍କ ସହିତ ଜଡ଼ିତ ହୋଇଥିବା ଆପଣଙ୍କ ଫୋନ୍‌କୁ ଧରାଯାଉ ଏକ ସୂଚନା ଆସିବ ଯେ ଆପଣଙ୍କ ପାସ୍‌ବୁକରେ କିଛି ଟଙ୍କା କ୍ରେଡିଟ ବା ଜମା ହୋଇଛି। ତେଣୁ ଆପଣ ନିଶ୍ଚିନ୍ତ ନିଜର ୟୁପିଆଇ ଆକାଉଣ୍ଟ ଖୋଲି ସର୍ବପ୍ରଥମେ ଏହି ବିଷୟରେ ଜାଣିବା ପାଇଁ ଆଗ୍ରହ ରଖିବେ। ତେବେ ଏଇଠି ଆପଣ ପୂରାପୂରି ଫସିଯିବା ଥୟ। କାରଣ ଅଦୃଶ୍ୟ ଅନ୍‌ଲାଇନ ଠକମାନେ ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତ ହୋଇ ଏକ ବଡ଼ଧରଣର କ୍ୟାଶ ୱିଥ୍‌ଡ୍ରୟାଲ ରିକୁଏଷ୍ଟ ପଠାଇ ନିଜର ଯୋଜନା ପ୍ରସ୍ତୁତ କରିସାରିଥିବେ। ଆପଣ ନିଜର ଆକାଉଣ୍ଟ ଜାଣିବା ପାଇଁ ୟୁପିଆଇ ଖୋଲିଲା ବେଳକୁ ଯେତେବେଳେ ନିଜେ ପିନ୍ ନମ୍ବରଟି ପ୍ରଦାନ କରିବେ ଏହା ସ୍ୱୟଂକ୍ରିୟ ଭାବେ ଆକସେସ୍ ହୋଇଯିବ, ଯାହାର ପରିଣାମ ସ୍ୱରୂପ କିଛି କ୍ଷଣ ଭିତରେ ଆପଣଙ୍କ ଆକାଉଣ୍ଟରୁ ଟଙ୍କା ଉଭାନ ହୋଇଯିବ।

ଆମ୍ଭମାନଙ୍କ ଭିତରେ ୟୁପିଆଇ ବହୁଳ ବ୍ୟବହାର ହେଉଛି। ତେବେ ଏଯାବତ୍ ଅନେକେ ପେମେଣ୍ଟ ରିକୁଏଷ୍ଟ ସମ୍ପର୍କରେ କିଛି ଜାଣନ୍ତି ନାହିଁ। ତେଣୁ କୌଣସି ପରିସ୍ଥିତିରେ ଅଜଣା ମେସେଜ ପଢ଼ି ତୁରନ୍ତ ମନଇଚ୍ଛା ସେମାନଙ୍କ କଥା ଗ୍ରହଣ କରନ୍ତୁ ନାହିଁ। କାରଣ ଏହା ପଛରେ ଏପରି କିଛି ଠକାମିର ଲିଙ୍କ୍ ରହିଥାଏ, ଯାହାକୁ ଆପଣ ଟଚ୍ କରିବାମାତ୍ରେ ସ୍କାମରମାନେ ଜାଲ୍ ଏସ୍‌ଏମ୍‌ଏସ୍ ଗେଟୱେ ଦ୍ୱାରା ଆକାଉଣ୍ଟକୁ ଟଙ୍କା ଆସିବା ପରି ଏକ ଧାରଣା ତିଆରି କରନ୍ତି। ସେହି ଏସ୍‌ଏମ୍‌ଏସ୍‌ରେ ୟୁପିଆଇ ଆକାଉଣ୍ଟ ଖୋଲିବାର ବିକଳ୍ପ ବି ରହିଥାଏ। ତେଣୁ ଏହି କ୍ଷେତ୍ରରେ ଆଦୌ ନିଜର ୟୁପିଆଇ ଆକାଉଣ୍ଟ ଖୋଲନ୍ତୁ ନାହିଁ। ହଁ, ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମେସେଜଗୁଡ଼ିକ କେଉଁ ବିଧିବଦ୍ଧ ସେଣ୍ଟରରୁ ଆସିଛି ତାହା ଯାଞ୍ଚ କରନ୍ତୁ। ବର୍ତ୍ତମାନ ଲୋକଙ୍କ ଭିତରେ ସଚେତନତା ବଢୁଥିବାରୁ ହ୍ୟାକରମାନେ ସେହିପରି ଠକାମିର ନୂଆ ନୂଆ ତରିକା ଆପଣେଇଲେଣି। ତେଣୁ ବର୍ତ୍ତମାନ ଆଇଭିଆର କଲ୍ ଦ୍ୱାରା ଠକିବାର ଏକ ନୂଆ ଫନ୍ଦି ସାଇବର ଠକମାନେ ଆପଣାଉଛନ୍ତି। ଆଇଭିଆର କଲ୍‌ଗୁଡ଼ିକ ଟ୍ରାଇ ଦ୍ୱାରା ନିୟନ୍ତ୍ରିତ ହେବା ସତ୍ତ୍ୱେ ଠକଙ୍କ ରାଜୁତି କିନ୍ତୁ କମୁନାହିଁ। ଏ କ୍ଷେତ୍ରରେ ସରକାରଙ୍କର ଗୁରୁତ୍ୱପୂର୍ଣ୍ଣ ଓ ଜରୁରିକାଳୀନ ଭୂମିକା ରହିଛି। ସେହିପରି ବିଭିନ୍ନ ପ୍ରକାର ଥାର୍ଡ଼ ପାର୍ଟି ଦ୍ୱାରା ଆପ୍ ବ୍ୟବସ୍ଥାକୁ ଗ୍ରହଣ କରି ଠକମାନେ ଟଙ୍କା ଗାଏବ କରିଥାନ୍ତି। ତେଣୁ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସତର୍କତା କୁହାଯିବ ଆପଣ ଆପ୍ ଷ୍ଟୋରରୁ ଆପ୍ ଇନ୍‌ଷ୍ଟଲ କରିବା ପୂର୍ବରୁ ସେ ଆପ୍‌ର ଡେସ୍କ୍ରିପଶନ ପଢ଼ିବା ସହ ଭଲ କରି ପରଖିବା ଉଚିତ। କୌଣସି ପରିସ୍ଥିତିରେ କାହାକୁ ମୋବାଇଲକୁ ଆସିଥିବା ଓଟିପି କହିବେ ନାହିଁ। ଏଭଳି କିଛିଟା ସତର୍କତା ଅବଲମ୍ବନ କଲେ, ଆମେ କିଛି ମାତ୍ରାରେ ନିଜକୁ ସୁରକ୍ଷା ଦେଇପାରିବା। ସାଧାରଣତଃ ଅସହଜରେ ଟଙ୍କା ପାଇବା ଲୋଭରେ ଲୋକେ ଠକାମିର ଶିକାର ହୁଅନ୍ତି। ସହଜରେ ଟଙ୍କା ଉପାର୍ଜନ କରିବାର କୌଣସି ଉପାୟ ପୃଥିବୀରେ ନାହିଁ। ଏଇ କଥା ଥରେ ବୁଝିଗଲେ ଆଉ କେହି ଆପଣଙ୍କୁ ଠକିପାରିବେ ନାହିଁ।

ଆପଣଙ୍କ ଆକାଉଣ୍ଟକୁ ଯଦି ଅଚାନକ କୌଣସି ଭାବରେ କିଛି ଟଙ୍କା କ୍ରେଡ଼ିଟ ହୋଇଯାଇଛି ତେବେ ଆପଣ 'ରାତାରାତି ବଡ଼ଲୋକ ହୋଇଗଲେ ବୋଲି' ଏହି ବିଚାର ଆଦୌ କରନ୍ତୁ ନାହିଁ। କାରଣ କ୍ରେଡ଼ିଟ ସମ୍ବନ୍ଧରେ ସୂଚନାକୁ ଆପଣ ତତ୍‌କ୍ଷଣାତ ନ ଦେଖି ବରଂ କିଛି ସମୟ ପରେ ଏହାକୁ ଦେଖନ୍ତୁ। କାରଣ କିଛି ସମୟ ଅତିକ୍ରମ କରିଗଲେ ହ୍ୟାକରମାନେ ଆପଣଙ୍କୁ ଲୁଟିବା ପାଇଁ ଯେଉଁ କ୍ୟାଶ ୱିଥଡ୍ରୟାଲ ରିକୁଏଷ୍ଟ ଯୋଜନାବଦ୍ଧ ଭାବେ କରିସାରିଥିବେ ତାହା ଇତିମଧ୍ୟରେ ଇନ୍‌ଭାଲିଡ ହୋଇସାରିଥିବ। ସେହିପରି କୌଣସି ପରିସ୍ଥିତିରେ ଆଦୌ ଭୁଲ୍ ପିନ୍ ମାରନ୍ତୁ ନାହିଁ। କାରଣ ପ୍ରଥମ ପିନ୍‌ରେ ହିଁ ହ୍ୟାକରମାନେ ରିକୁଏଷ୍ଟ ଆକସେସ୍ କରିବା ପାଇଁ ସେମାନଙ୍କର ଠକାମିର ଜାଲ ବିଛେଇ ଥାଆନ୍ତି। ଆପଣ ଭୁଲ୍ ପିନ୍ ମାରିବା ଦ୍ୱାରା ସେ ରିକୁଏଷ୍ଟ କ୍ୟାନ୍‌ସେଲ ହୋଇଯାଏ। ଆପଣମାନଙ୍କର ସତର୍କତା କେବଳ ଆପଣଙ୍କୁ ନିଜର ଠକାମିରୁ ବଞ୍ଚାଇବ ନାହିଁ ବରଂ ବ୍ୟାଙ୍କ ପାଇଁ ଏକ ଅଯଥା ଆର୍ଥିକ ଝମେଲାରୁ ବଞ୍ଚାଇପାରିବ। ଆଜିର ସମୟରେ ଡିଜିଟାଲ ବ୍ୟବସ୍ଥା ଗୋଦରା କୋଡ଼େ ଯେତେ ମାଡ଼େ ସେତେ ପରି ଚାଲିଛି। ତେଣୁ ଆପଣ ଉପରୋକ୍ତ ସତର୍କତାଗୁଡ଼ିକ ଗ୍ରହଣ କରି ବ୍ୟାଙ୍କିଙ୍ଗ କାରବାର କରି ନିଜର ଅର୍ଥକୁ ସୁରକ୍ଷିତ ରଖନ୍ତୁ ଏବଂ ଆପଣଙ୍କ ଆକାଉଣ୍ଟ ଖୋଲିଥିବା ବ୍ୟାଙ୍କକୁ ଅଯଥା ଝମେଲାରୁ ବଞ୍ଚାଇବାରେ ସକ୍ଷମ ହୁଅନ୍ତୁ।

**ଏସ୍‌ବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି,**
**ତୁଳସୀପୁର, କଟକ**
**ମୋ :୯୯୩୭୬୫୮୩୬୨**

# ବୁଦ୍ଧଙ୍କ ଦେଶରେ ମନ୍ଦିର କଳି



ଲଳିତେନ୍ଦୁ ପଲାଉରୀ

ଦକ୍ଷିଣପୂର୍ବ ଏସିଆର ଦୁଇ ପଡ଼ୋଶୀ ଦେଶ ଥାଇଲାଣ୍ଡ–କାମ୍ବୋଡିଆ। ଭଗବାନ୍ ବୁଦ୍ଧଙ୍କୁ ଅନୁସରଣ କରୁଥିବା ଏହି ଦୁଇ ଦେଶର ୮୦ପ୍ରତିଶତ ଅଧିବାସୀ ବୌଦ୍ଧ ଧର୍ମାବଲମ୍ବୀ। ବିଶ୍ୱ ମାନଚିତ୍ରରେ ଥାଇଲାଣ୍ଡର ପର୍ଯ୍ୟଟନ ଅର୍ଥନୀତି ବେଶ୍ ସମୃଦ୍ଧ। ଯଦିଓ କୃଷି ଓ ପର୍ଯ୍ୟଟନ ଉପରେ କାମ୍ବୋଡିଆବାସୀ ନିର୍ଭର କିନ୍ତୁ ଥାଇଲାଣ୍ଡ ଭଳି ବିକଶିତ ନୁହେଁ। ଥାଇଲାଣ୍ଡ ଚାଇନାର ବନ୍ଧୁ ହୋଇଥିବା ବେଳେ କାମ୍ବୋଡିଆ ହେଉଛି ଆମେରିକାର ବନ୍ଧୁ। ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ଚୟନ ଚର୍ଚ୍ଚାରେ ପ୍ରଥମେ କାମ୍ବୋଡିଆ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ହକ୍‌ଦାର ବୋଲି ମତ ରଖିଥିଲା। ବୁଦ୍ଧ ଉପାସକଙ୍କ ଏହି ଦୁଇ ଦେଶ ମଧ୍ୟରେ ଦୁଇଟି ପ୍ରାଚୀନ ମନ୍ଦିରକୁ ନେଇ ବିବାଦ ବେଶ୍ ପୁରୁଣା। ଅନେକ ଥର ଏହି ବିବାଦ ସମାଧାନ ପାଇଁ ଉଦ୍ୟମ ବିଫଳ ହୋଇଛି। ୨୦୨୫ ଅକ୍ଟୋବରରେ ମାଲେସିଆରେ ଆୟୋଜିତ ଆସିଆନ ଶିଖର ବୈଠକରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଥାଇଲାଣ୍ଡ–କାମ୍ବୋଡିଆ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷର କରିବାରେ ସଫଳ ହୋଇଥିଲେ ମଧ୍ୟ ଏହା ବେଶି ଦିନ ଟିକ୍ତିପାରିନି। ୨୦୨୫ ଶେଷ ଭାଗରେ ଥାଇଲାଣ୍ଡ–କାମ୍ବୋଡିଆ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲା। ଥାଇଲାଣ୍ଡ କାମ୍ବୋଡିଆ ସୀମାରେ ଏୟାର ଷ୍ଟ୍ରାଇକ କରି ପ୍ରଥମେ ଶାନ୍ତି ରାଜିନାମାକୁ ଉଲ୍ଲଂଘନ କରିଥିବା କାମ୍ବୋଡିଆ ଅଭିଯୋଗ କରିଛି। ଥାଇଲାଣ୍ଡର ଏଫ୍–୧୬ ଲଢୁଆ ବିମାନରେ ମଧ୍ୟ କାମ୍ବୋଡିଆର ଧର୍ମସ୍ଥଳଗୁଡ଼ିକୁ ଟାର୍ଗେଟ କରିଥିଲା ଆଉ ଆକ୍ରମଣକୁ ଯଥାର୍ଥ ବୋଲି ଦର୍ଶାଇଥିଲା ଥାଇଲାଣ୍ଡ। କାମ୍ବୋଡିଆ ସେନା ମନ୍ଦିରରେ ଅସ୍ତ୍ରଶସ୍ତ୍ର ରଖି ଏହାକୁ ସାମରିକ ଘାଟି ଭାବେ ବ୍ୟବହାର କରୁଥିବା ଥାଇଲାଣ୍ଡ ଆପତ୍ତି ଉଠାଇଥିଲା। ତେଣୁ ଉଭୟ ଦେଶ ମଧ୍ୟରେ ଛକାପଞ୍ଝା ସହ ଯୁଦ୍ଧସ୍ଥିତି ଉପୁଜିଛି। କାମ୍ବୋଡିଆ ସୀମାରେ ଥିବା ସ୍କୁଲଗୁଡ଼ିକୁ ସୁରକ୍ଷା ଦୃଷ୍ଟିକୋଣରୁ ବନ୍ଦ କରାଯାଇଛି। ଉଭୟ ଦେଶର ସେନା ଆଲର୍ଟ ମୋଡ୍‌ରେ ରହିଛନ୍ତି। ଗତ ୨ମାସ ମଧ୍ୟରେ ଉତ୍ତେଜନା ଓ ସଂଘର୍ଷରେ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି।

କହିବାକୁ ଗଲେ ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ବିବାଦ ୧୧୮ ବର୍ଷ ପୁରୁଣା। ଦୁଇ ଦେଶର ସୀମାରେ ଥିବା ଦୁଇଟି ପ୍ରାଚୀନ ଶିବ ମନ୍ଦିରକୁ ନେଇ ବିବାଦ ବାରମ୍ବାର ହିଂସାତ୍ମକ ରୂପ ନେଉଛି। ଏହି ମନ୍ଦିର ଦୁଇଟି ହେଲା ପ୍ରିୟାହ ଭିହେର ଏବଂ ଟା ମୁଏନ ଥାମ୍ ମନ୍ଦିର। ଉଭୟ ମନ୍ଦିରକୁ ଥାଇଲାଣ୍ଡ ଓ କାମ୍ବୋଡିଆ ସେମାନଙ୍କର ବୋଲି ଦାବି କରୁଛନ୍ତି। ୨୦୦୮ରେ ୟୁନେସ୍କୋ ଏହି ମନ୍ଦିର ଦୁଇକୁ ବିଶ୍ୱ ଐତିହ୍ୟ ସ୍ଥଳୀ ଅନ୍ତର୍ଭୁକ୍ତ କରିବା ପରେ ବିବାଦ ଅଧିକ ଘନୀଭୂତ ହୋଇଛି। ୨୦୧୩ରେ ଅନ୍ତର୍ଜାତୀୟ ନ୍ୟାୟାଳୟ ନିର୍ଦ୍ଦେଶ ଥିଲା କେବଳ ମନ୍ଦିର ନୁହେଁ, ଆଖପାଖ ଅଞ୍ଚଳ ମଧ୍ୟ କାମ୍ବୋଡିଆର। ଥାଇଲାଣ୍ଡ ଏହି ନିଷ୍ପତ୍ତିକୁ ସ୍ୱୀକାର କରୁନି। ଗତବର୍ଷ ଜୁନ୍ ୧୫ରେ ଦୁଇ ଦେଶ ମଧ୍ୟରେ ବିବାଦ ବଢ଼ିଥିଲା।



ସେହି ସମୟରେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଥିବା ପି.ସିନାୱାତ୍ରା କାମ୍ବୋଡିଆର ନେତା ହୁନ ସେନଙ୍କ ସହ ଫୋନରେ କଥା ହୋଇ ଥିବା ଘଟଣା ସୋସିଆଲ ମିଡିଆରେ ଆସିବା ପରେ ଦେଶରେ ବିରୋଧାଭାସ ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି ଜୋରଦାର ହୋଇଥିଲା। ଦେଶବ୍ୟାପୀ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପି. ସିନାୱାତ୍ରାଙ୍କ ବିରୋଧରେ ଅସନ୍ତୋଷ ଦେଖାଇଥିଲା। ଶେଷରେ ପ୍ରଧାନମନ୍ତ୍ରୀ ସିନାୱାତ୍ରାଙ୍କୁ ପଦରୁ ବହିଷ୍କାର କରାଯାଇଥିଲା। ପି. ସିନାୱାତ୍ରା ଦେଶବାସୀଙ୍କୁ କ୍ଷମା ମାଗିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ପଦରୁ ହଟିବାକୁ ବାଧ ହୋଇଥିଲେ। ପୂର୍ବରୁ ଫ୍ରାନ୍ସ ଦ୍ୱାରା ଶାସିତ କାମ୍ବୋଡିଆ ସ୍ୱାଧୀନତା ପରେ ଏହାର ୮ଶହ କିମି ସୀମାବର୍ତ୍ତି ଅଞ୍ଚଳର ସାର୍ବଭୌମତ୍ୱକୁ ନେଇ ଥାଇଲାଣ୍ଡ ସହ ବିବାଦ ମଧ୍ୟ ରହିଛି। ଏହାସହ ୧୯୬୨ରେ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ ଜଷ୍ଟିସ ଏହି ପ୍ରାଚୀନ ଶିବ ମନ୍ଦିରକୁ କାମ୍ବୋଡିଆର ଅଂଶ ଭାବରେ ଘୋଷଣା କରିଥିଲେ। କିନ୍ତୁ ଥାଇଲାଣ୍ଡର କିଛି ଜାତୀୟତା ବାଦୀ ଗୋଷ୍ଠୀ ଏହାକୁ ଚ୍ୟାଲେଞ୍ଜ କରି ଆସୁଛନ୍ତି।

ଥାଇଲାଣ୍ଡ ଓ କାମ୍ବୋଡିଆ ସୀମାରେ ନିର୍ମିତ ଉଭୟ ପ୍ରାଚୀନ ଶିବ ମନ୍ଦିରକୁ ନକ୍‌ସାରେ କାମ୍ବୋଡିଆର ବୋଲି ଉଲ୍ଲେଖ କରିଥିଲା ଫ୍ରାନ୍ସ। ସେତେବେଳେ କିନ୍ତୁ ଥାଇଲାଣ୍ଡ ପକ୍ଷରୁ ଏହାକୁ ବିରୋଧ କରାଯାଇ ନ ଥିଲା। ପରେ ବିବାଦ ଉଗ୍ର ହୋଇଥିଲା। ସେହି ଶିବ ମନ୍ଦିର ଦୁଇଟିକୁ ନେଇ ବିବାଦ ବଢୁଛି। ନିକଟରେ କାମ୍ବୋଡିଆ ସୈନିକମାନେ ମୁଏନ ଥାଁମ ମନ୍ଦିରକୁ ତାରଜାଲିଘେରା କରିଥିବା ବେଳେ ଥାଇଲାଣ୍ଡ ସୈନିକମାନେ ରକେଟ ଓ ଡ୍ରୋନ ମାଡ଼ କରି ଏହାକୁ ଉଡ଼ାଇ ଦେଇଥିଲେ। ଟା ମୁଏନ ଥାଁମ ମନ୍ଦିର ଏଭଳି ସ୍ଥାନରେ ଅବସ୍ଥିତ, ଏହା କେଉଁ ଦେଶରେ ସାମିଲ ରହିବ ତାହା ନିର୍ଦ୍ଦିଷ୍ଟ ନିଷ୍ପତ୍ତି ହୋଇପାରୁନି। ତେବେ କାମ୍ବୋଡିଆ କହିବା କଥା ଖମେର ସାମ୍ରାଜ୍ୟ କାମ୍ବୋଡିଆର ଅଂଶ ହୋଇଥିବାବେଳେ ଏହା କାମ୍ବୋଡିଆବାସୀଙ୍କ ଉପାସନା ପୀଠ ରହି ଆସିଛି। ଖମେର ସାମ୍ରାଜ୍ୟ କାମ୍ବୋଡିଆର ଏକ ଶକ୍ତିଶାଳୀ ସଭ୍ୟତା। ନବମ ଶତାବ୍ଦୀରୁ ୧୫ଶହ ଶତାବ୍ଦୀ ଯାଏ ଏହା ସମୃଦ୍ଧ ଥିଲା। ଖମେରମାନେ ଉଭୟ ଥାଇଲାଣ୍ଡ ଓ ଭିଏଟ୍‌ନାମର କିଛି ଅଞ୍ଚଳକୁ ଶାସନ କରିଥିବା କାମ୍ବୋଡିଆ ପକ୍ଷରୁ କୁହାଯାଇଛି। ସେପଟେ ଥାଇଲାଣ୍ଡ କହୁଛି ଏହି ମନ୍ଦିର ଚାରିପଟ ଥିବା ଜମି ତାହାର। ଥାଇଲାଣ୍ଡ ପ୍ରିୟାହ ଭିହେର ମନ୍ଦିର ଉପରେ ବାରମ୍ବାର ନିୟନ୍ତ୍ରଣ ଦାବି କରୁଛି, ଯାହାକୁ ନେଇ କାମ୍ବୋଡିଆ ୧୯୫୯ରେ ମାମଲାକୁ ଅନ୍ତର୍ଜାତୀୟ କୋର୍ଟରେ ଉପସ୍ଥାପନ କରିଥିଲା। ୧୯୬୨ରେ ଅଦାଲତ କହିଥିଲେ ଏହି ମନ୍ଦିର କାମ୍ବୋଡିଆର ଏବଂ ଥାଇଲାଣ୍ଡ ତା'ର ସୈନିକ ହଟାଇବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଥାଇଲାଣ୍ଡ ଏହାକୁ ସ୍ୱୀକାର କରିଥିଲେ କିନ୍ତୁ ଆଖପାଖ ଅଞ୍ଚଳ ନିଜର ବୋଲି ଦାବି କରୁଛି।

**ବାଲିପନ୍ତାଳ,ନଗର,ଅସ୍ତରଙ୍ଗ,ପୁରୀ**
**ମୋ: ୯୭୭୮୬୯୭୦୩୬**

## ଏଇ ଭାରତରେ

ହିମାଳୟ ଜୈବ ବିବିଧତାର ଗନ୍ତାଘର। ଏହା ହେଉଛି ଦୁର୍ଲଭ ଔଷଧୀୟ ବୃକ୍ଷ ଓ ପୁଷ୍ପର ଭଣ୍ଡାର। ଏପରିକି ସେଠାରେ ଥିବା ଆହୁରି ଅନେକ ବୃକ୍ଷ ସମ୍ପର୍କରେ ଉଦ୍ଭିଦବିଜ୍ଞାନୀମାନେ ତଥ୍ୟ ହାସଲ କରିପାରିନାହାନ୍ତି। ତେବେ ଯେଉଁସବୁ ବିରଳ ବୃକ୍ଷ ସମ୍ପର୍କରେ ଏବେ ଜଣାପଡ଼ିଛି ସେଗୁଡ଼ିକ ମଧ୍ୟରୁ ହିମାଳୟର ଆଶ୍ଚର୍ଯ୍ୟ ଭାବେ ଜଣାଶୁଣା ସିକିମ୍ ସୁନ୍ଦରୀ ଅନ୍ୟତମ। ଏହାର ବିରଳ ଫୁଲ ଅନେକ ଦଶନ୍ଧି ପରେ ଗତ ବର୍ଷ ଡିସେମ୍ବରେ ଫୁଟିବା ଆରମ୍ଭ ହୋଇଛି, ଯାହା ପ୍ରକୃତିପ୍ରେମୀ ଓ ଉଦ୍ଭିଦବିଜ୍ଞାନୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ପୂର୍ଣ୍ଣ ରୂପେ ଫୁଟିଲା ପରେ ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। ସିକିମ୍ ସୁନ୍ଦରୀ ଗଛ ଅନେକ ବର୍ଷ ଅନ୍ତରରେ ୨ ମିଟର ଉଚ୍ଚଯାଏ ବଢ଼େ ଓ ଫୁଲ ଫୁଟେ। ଏହି ସମୟରେ ଏହା ଏକ ଟାୱାର ଭଳି ଦେଖାଯାଏ। ମଞ୍ଜି ଧରିବା ପରେ ଗଛର ଜୀବନଚକ୍ର ସମ୍ପୂର୍ଣ୍ଣ ହୋଇଥାଏ। ସମୁଦ୍ର ପତ୍ତନଠାରୁ ୪,୦୦୦ରୁ ୪,୮୦୦ ମିଟର ଉଚ୍ଚରେ ଫୁଟେ ଏହି ଫୁଲ। ସ୍ଥାନୀୟ ଲୋକେ ଏହାକୁ ବିଶେଷକରି ପାରମ୍ପରିକ ଚିକିତ୍ସାରେ ବ୍ୟବହାର କରିଥାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୩ ଜାନୁଆରୀ ୧୯୭୬**

- ଉପରାଷ୍ଟ୍ରପତି ବି.ଡି. ଜଟ୍ଟି ଶହୀଦନଗରଠାରେ 'ଇଣ୍ଡିଆନ ମେଟାଲ୍ସ କମ୍ପାନୀ ଦାତବ୍ୟ ସଂସ୍ଥା' ପକ୍ଷରୁ ପ୍ରତିଷ୍ଠିତ ହେଉଥିବା ଏକ ଅବସର ବିନୋଦନ କେନ୍ଦ୍ର ଓ ଶିଶୁ ଉଦ୍ୟାନର ଭିତ୍ତି ସ୍ଥାପନ କରିଛନ୍ତି।
- ଚାଷନଳା କୋଇଲା ଖଣି ଦୁର୍ଘଟଣାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ମାଗଣା ଜମି, ଚାକିରି ସହ ପରିବାର ପିଛା ୧୦୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

## ଚିରନ୍ତନୀ

ସଖିରେ ସେହି ମତି ବରଷା କରେ ରତି
ଧାରାରେ ଉପୁଜାଇ ପୁଳକ
ତନୁରେ ତନୁ ମିଶି ନ ମାନେ ଦିବା ନିଶି
ନ ପଡ଼େ ତିଳେ କାହା ପଲକ।

–(ବର୍ଷାରତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମଧୁବାବୁ ପେନ୍‌ସନ ହିତାଧିକାରୀ ହଟହଟା

ମହାଶୟ,

ପୂର୍ବରୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନୂତନ ବିନ୍ୟାସରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ହେବାରୁ ଆଇଏଫ୍‌ଏସ୍‌ସି କୋଡ୍ ପରିବର୍ତ୍ତନ ଯୋଗୁ ସାରଙ୍ଗଯୋଡ଼ି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଶାଖାରୁ ମଧୁବାବୁ ପେନ୍‌ସନ ଯୋଜନା ଭତ୍ତା ପାଉଥିବା ହିତାଧିକାରୀମାନେ ନଭେମ୍ବର ଓ ଡିସେମ୍ବର ୨୦୨୫ର ଭତ୍ତା ପାଇ ନାହାନ୍ତି। ଫଳରେ ସେମାନେ ଦୁର୍ଦ୍ଦିନରେ ରହିଛନ୍ତି। ସତ୍ୟବାଦୀ ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ କ'ଣ ଏହି ଅସୁବିଧା ସମ୍ବନ୍ଧରେ ଜ୍ଞାତ ନୁହନ୍ତି ? କ'ଣ କଲେ ହିତାଧିକାରୀମାନେ ଭତ୍ତା ପାଇବେ ସେ କଥା କୁହାଯାଉନାହିଁ। କିନ୍ତୁ ସାରଙ୍ଗଯୋଡ଼ି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଶାଖାରେ ଅନୁସନ୍ଧାନ କଲେ ସେମାନେ ବ୍ଲକ୍‌ରୁ ଟଙ୍କା ଆସିନାହିଁ ବୋଲି କହୁଛନ୍ତି। ଯଦି ଏହା ସତ ହୁଏ ତେବେ ପ୍ରଶାସନିକ ଉଦାସୀନତା ଯୋଗୁ ହିତାଧିକାରୀମାନେ ଭତ୍ତା ପାଇବାରେ ବିଳମ୍ବ ହେଉଛି ବୋଲି ବୁଝିବାକୁ ପଡ଼ିବ। ଅତି ଶୀଘ୍ର ସମସ୍ୟା ସମାଧାନକରି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉ।

**–ରାମଚନ୍ଦ୍ର ଦାଶ,ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗଡକୁଣ୍ଡ,ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିଦ୍ୟାଳୟରେ ବିବେକାନନ୍ଦଙ୍କ ଜୟନ୍ତୀ

ପାଣିକୋଇଲି, ( ବିକାଶ ଚନ୍ଦ୍ର ମଲ୍ଲିକ): ପାଣିକୋଇଲିସ୍ଥିତ ସ୍ୱାମୀ ବିବେକାନନ୍ଦ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ଓ ରାଷ୍ଟ୍ରୀୟ ଯୁବ ଦିବସ ପାଳନ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ରବି ନାରାୟଣ ପରିଡ଼ା ଛାତ୍ରୀଛାତ୍ରମାନଙ୍କୁ ସ୍ୱାମିଜୀଙ୍କ ଆଦର୍ଶ ଜ୍ଞାନ ବିଷୟରେ ଅନୁପ୍ରାଣୀତ ହେବା ଲାଗି ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲୋପାମୁଦ୍ରା ପାଢ଼ୀ, ସୁମିତ୍ରା ପୋଥାଳ, ନମିତା ବେହେରା, ସସ୍ମିତା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ରାଉତ, ମୀନା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ବନ୍ଦେ ମାତରମ୍‌ର ସମୂହ ଗାନ, ସ୍ୱାମୀ ବିବେକାନନ୍ଦ ଜୟନ୍ତୀ

କାଳିଆପାଣି, ୧୨।୧(ଅସିତ ମହାନ୍ତ):

ଯାଜପୁର ଜିଲା ଚଢ଼େଇରଗଡ଼ା ପ୍ରାଥମିକ ବିଦ୍ୟାଳୟରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ କରାଯାଇଛି। ପରିଚାଳନା କମିଟି ସଭାପତି ସାଲମୋହନ କାଣ୍ଡୁଲନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବନ୍ଦେ ମାତରମ୍‌ର ୬ ପଦ ଗାନ ଓ ଆତ୍ମ ନିର୍ଭରଶୀଳ ଭାରତ ସ୍ୱଦେଶୀ ସଂକଳ୍ପ ପତ୍ର ଶପଥ ପାଠ କରାଯାଇଥିଲା। ସଦସ୍ୟାମାନଙ୍କ ଦ୍ୱାରା ସ୍ୱାମୀ ବିବେକାନନ୍ଦ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବନ୍ଦେ ମାତରମ୍‌ର ରଚୟିତା ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ସମ୍ପର୍କରେ ଆଲୋଚନା ଏବଂ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିଚାଳନା କମିଟି ଉପସଭାପତି ପଙ୍କଜିନୀ ମହାନ୍ତ, ସଭ୍ୟା ଭାରତୀ ଦେହୁରୀ, ଚନ୍ଦନୀ ଦେହୁରୀ, ମାଳତୀ ଦେହୁରୀ, ମାହି ମାରାଣ୍ଡି, ଜହ୍ନ ଦେହୁରୀ, ଶକୁନ୍ତଳା ମହାନ୍ତ, କୁନ୍ତଳା ଦେହୁରୀ, ସୀମା ମହାନ୍ତ, ଜଲି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଅଶୋକ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଆଜି ଓଳାଶୁଣୀରେ କେଶ ଯାତ୍ରା

ଚଣ୍ଡିଖୋଲ/ ବାଲିଚନ୍ଦ୍ରପୁର, ୧୨।୧ (ପ୍ରଦୀପ୍ତ କୁମାର ପୃଷ୍ଟି/ ଗିରିଜା ପ୍ରସାଦ ସାହୁ)



ଓଡ଼ିଶାର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚିତ ଯାଜପୁର ଜିଲା ଓଳାଶୁଣୀଠାରେ ଆସନ୍ତା ବୁଧବାରଠାରୁ ଆରମ୍ଭ ହେବ ଓଳାଶୁଣୀ ଗୁମ୍ଫା ମେଳା। ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ବ୍ରହ୍ମଲିନ ଦିବସ ମାଘ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଏହି ପ୍ରସିଦ୍ଧ ଗୁମ୍ଫାମେଳା ଆରମ୍ଭ ହୋଇଥାଏ। ତେବେ ମେଳା ଆରମ୍ଭର ପୂର୍ବଦିନ ଅର୍ଥାତ୍ ଦଶମୀ ତିଥି ମଙ୍ଗଳବାର ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ତାହା ହେଉଛି କେଶ ଯାତ୍ରା। ଏହି କେଶ ଫରୁଆକୁ ବିମାନରେ ରଖାଯାଇ ଶୋଭାଯାତ୍ରା ନିଆଯାଇ ମହାପୁରୁଷଙ୍କ ସମାଧି ମନ୍ଦିରରେ ପହଞ୍ଚିବା ପରେ ଓଳାଶୁଣୀ ଗୁମ୍ଫା ମେଳାର ପ୍ରସ୍ତୁତି ଆରମ୍ଭ ହୁଏ। ଚଳିତବର୍ଷ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ୧୮୯ତମ ସମାଧି ଦିବସ ବୁଧବାର ପବିତ୍ର ଏକାଦଶୀ ତିଥିରେ ପଡୁଥିବାରୁ ଦଶମୀ ତିଥି ମଙ୍ଗଳବାର କେଶ ଯାତ୍ରା ଅନୁଷ୍ଠିତ ହେବ।

କିମ୍ବଦନ୍ତୀ ଅନୁସାରେ ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ଓଳାଶୁଣୀ ପାହାଡରେ ତାଙ୍କ ସାଧନା ସମୟରେ ସେ ପାଖ ପଡୋଶୀ ଗ୍ରାମ ଶୁଖୁଆପଡ଼ାକୁ ବୁଲିବାକୁ ଯାଆନ୍ତି। ଦିନେ ଏହି ଶୁଖୁଆପଡା ଗ୍ରାମର କନ୍ଧୁ ମହାରଣାଙ୍କ ସ୍ତ୍ରୀ ଜହ୍ନି ମହାରଣା ମହାପୁରୁଷଙ୍କ ମୁଣ୍ଡ କୁଣ୍ଡାଇ ଦେବା ସମୟରେ ଗୋଟିଏ ଚୁଟି ଝଡି ପଡ଼ିଥିଲା। ଏହାକୁ ଜହ୍ନି ରଖିଥିଲେ। ଏହି ସମୟରେ ମହାପୁରୁଷ କହିଥିଲେ, ଯାହାକୁ ଲୁଚାଇ ରଖୁଛୁ ତାକୁ ସମ୍ଭାଳି ପାରିବୁ ତ। ସେ ମହାପୁରୁଷଙ୍କ ଅନୁମତି ମାଗିଥିଲେ। ସନ୍ଥ ଏକ ଫରୁଆ ମଧ୍ୟରେ ପୂରାଇ ରଖିବାକୁ ଅନୁମତି ଦେଇ ସେହି କେଶଟିକୁ ଫରୁଆ ଭିତରେ ରଖି ଜହ୍ନି ଠାକୁର ଘରେ ରଖିଥିଲେ। ପ୍ରତ୍ୟେକ ଦିନ ପୂଜା କରିବାକୁ ଲାଗିଲେ। ଧୀରେ ଧୀରେ କେଶଟି ବଢ଼ିବାକୁ ଲାଗିଲା। ତାହା ଏବେ ଏକ ଜଟାରେ ପରିଣତ ହୋଇଗଲାଣି। କେଶଟି ବଢୁଥିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହେଲେ। ସେହିଦିନଠାରୁ ତାହା ପୂଜା ପାଇ ଆସୁଛି। ଏହାର କିଛିବର୍ଷ ପରେ ଜହ୍ନି ମହାରଣାଙ୍କ ପର ପିଢ଼ିମାନେ ନିକଟସ୍ଥ ଲଳିତଗିରି ଗ୍ରାମକୁ ଉଠିଯାଇଛନ୍ତି। ସେଠାରେ ମଧ୍ୟ କେଶ ପୂଜା ପାଉଛି। ପ୍ରତ୍ୟେକ ବର୍ଷ ପରମ୍ପରାକୁ ଆଧାରକରି ଏହି କେଶ ଯାତ୍ରା ଲଳିତଗିରି ଗ୍ରାମରୁ ଓଳାଶୁଣୀ ଗୁମ୍ଫା ପୀଠକୁ ନିଆଯାଇଥାଏ। ଦଶମୀ ତିଥିରେ ଓଳାଶୁଣୀ ପୀଠର ମହନ୍ତ ଆସି ପୂଜାର୍ଚ୍ଚନା କରିବା ପରେ କେଶ ଯାତ୍ରା ଆରମ୍ଭ ହୁଏ। ବାଜା ବାଣ, ରୋଷଣୀ, ଘଣ୍ଟ, କୀର୍ତ୍ତନ ଆଦି ବ୍ୟାପକ ଆୟୋଜନ କରାଯାଇଥାଏ। ବହୁ ହଜାର ଲୋକ ଏହି କେଶ ଯାତ୍ରାରେ ସାମିଲ ହୋଇଥାନ୍ତି। କେଶ ରହିଥିବା ବିରାଟ ଫରୁଆକୁ ଏକ ସୁସଜ୍ଜିତ ବିମାନରେ ନିଆଯାଇଥାଏ। ବିମାନକୁ ଏକ ଭକ୍ତିମୟ ପରିବେଶରେ ରୋଷଣୀ ଶୋଭାଯାତ୍ରାରେ ଓଳାଶୁଣୀ ପାହାଡର ଶୀର୍ଷ ଦେଶରେ ଥିବା ମହାପୁରୁଷଙ୍କ ସମାଧି ମନ୍ଦିରକୁ ନିଆଯାଇଥାଏ। ସେଠାରେ ପହଞ୍ଚିବା ପରେ ମଠର ମଠାଧୀଶ ପୂଜାର୍ଚ୍ଚନାକରି ସ୍ୱାଗତ କରିଥାନ୍ତି। ପରେ ସମାଧି ମନ୍ଦିରରେ ପତାକା ବନ୍ଧା ଯାଇଥାଏ। ଓଳାଶୁଣୀ ଗୁମ୍ଫା ମେଳା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଏ। ସେଠାରେ ଫରୁଆ ୩ ଦିନ ରୁହେ। ଏକାଦଶୀ ଓ ଦ୍ୱାଦଶୀ ତିଥିରେ ଭକ୍ତମାନେ ମହାପୁରୁଷଙ୍କ କେଶ ରୁଢ଼ ବିମାନ ଦର୍ଶନ କରିଥାନ୍ତି। ତ୍ରୟୋଦଶୀ ତିଥିରେ ଏହା ପୁନର୍ବାର ଲଳିତଗିରି ଗ୍ରାମକୁ ଫେରିଥାଏ। ପୂର୍ବରୁ ଏହି ମେଳା ୩ ଦିନ ଧରି ଚାଲୁଥିବାବେଳେ ଏବେ ୧୨ ଦିନ ଧରି ଚାଲୁଛି। ଆସନ୍ତା ଜାନୁଆରୀ ୧୪ରୁ ୨୫ ତାରିଖ ପର୍ଯ୍ୟନ୍ତ ମେଳା ଚାଲିବ ବୋଲି ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସ୍ଥିର ହୋଇଛି।

## ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ



ସୁଭଦ୍ରା ଶକ୍ତି ମେଳାକୁ ବିଧାୟକ ଅମର କୁମାର ନାୟକ ଉଦ୍‌ଘାଟନ କରୁଛନ୍ତି।

ଚଣ୍ଡିଖୋଲ,୧୨।୧(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ଉଦୟଗିରିସ୍ଥିତ ଗୁରୁ ପଦ୍ମ ସମ୍ଭବ ଦ୍ୱିତୀୟ ସମାବେଶ ନିକଟରେ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ସୁଭଦ୍ରା ଶକ୍ତି ମେଳାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳର ମହିଳାମାନେ ନିଜ ଉତ୍ପାଦିତ ସାମଗ୍ରୀକୁ ଦେଶ ବିଦେଶରୁ ଆସିଥିବା ଲୋକଙ୍କୁ ଜଣାଇବା ସହ ବିକ୍ରୟ କରିପାରିବେ। ଏହାଦ୍ୱାରା ବାହାର ରାଜ୍ୟ ତଥା ବିଦେଶ ଲୋକମାନେ ଆମ ମହିଳାମାନେ କିପରି ସୁନ୍ଦର ସୁନ୍ଦର ସାମଗ୍ରୀ ତିଆରି କରିପାରନ୍ତି ତାହା ଆମର ଲକ୍ଷ୍ୟ ବୋଲି ଜାଣିପାରିବେ ବୋଲି ବିଧାୟକ ନାୟକ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ମିଶନ ଶକ୍ତିର ବ୍ଲକ ଅଧିକାରୀ ଅଜୟ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ମିନତି ସେନାପତି, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମାଳିକା ଉପରେ ଆଲୋଚନାଚକ୍ର

ଧର୍ମଶାଳା, ୧୨।୧(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଜାରକା ହାଇସ୍କୁଲସ୍ଥିତ ଆମ ପାଠାଗାର ପରିସରରେ ରାଷ୍ଟ୍ରଦୀପ ପାଠକ ସମିତି ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ମାଳିକା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଥାକାର ଅର୍ଜୁନ ଚରଣ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପ୍ରବଚକ ବିଭୂତି ଭୂଷଣ ପାଳ ଓ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ସନ୍ଥ ଯଶୋବନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ ଓ ହାଡ଼ିବନ୍ଧୁ ଦାସଙ୍କ ମାଳିକା ବିଚାର ଉପରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ଦାସ, କବି ସଂଗ୍ରାମ କେଶରୀ ଜେନା, ଉପଦେଷ୍ଟା ଈଶ୍ୱର ଚନ୍ଦ୍ର ପ୍ରଧାନ ଓ ଅନୁଷ୍ଠାନର ସଭାପତି ନୃସିଂହ ଚରଣ ମିଶ୍ର ପ୍ରମୁଖ ମାଳିକା ଉପରେ ଆଲୋଚନା କରିଥିଲେ। ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ଡ. ଅଜୟ କୁମାର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ୭୨ କୋଟିର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଲୋକର୍ପଣ ଉତ୍ସବରେ ଜିଲା ପ୍ରଶାସନର ଅଧିକାରୀମାନେ।

ଯାଜପୁର, ୧୨।୧ (ହର୍ଷବର୍ଦ୍ଧନ ବେହେରା)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଆଭାସୀ ମାଧ୍ୟମରେ ଯାଜପୁର ଜିଲା ପୂର୍ତ୍ତ ବିଭାଗର ୩ଟି ପ୍ରମୁଖ ପ୍ରକଳ୍ପର ଲୋକାର୍ପଣ କରିବା ସହ ଅନ୍ୟ ୩ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ପୂର୍ତ୍ତ, ଆଇନ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ଜିଲାପାଳ ଅମ୍ବର କୁମାର କର ଏବଂ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କମଳ ଲୋଚନ ସ୍ୱାଇଁ ଯୋଗଦେଇଥିଲେ। ବୈତରଣୀ ନଦୀ ଉପରେ ଲାଲବାଗ ପାଖ କିଲାଘାଟ-ବେହେରାପାଟଣା ସଂଲଗ୍ନ ସୁଉଚ୍ଚ ସେତୁ, ବନ୍ଧାଲୋ-ଏଣ୍ଡରପଦା ୬.୮ କି.ମି. ରାସ୍ତାର ଉନ୍ନତୀକରଣ, କପିଳାଦେଇ ମଳିଆ ବଳଭଦ୍ରପୁର ୧୫.୭ କି.ମି. ରାସ୍ତାର ଉନ୍ନତୀକରଣ, ପାଣିକୋଇଲିରୁ ରଗଡ଼ି ୧୯ କି.ମି. ରାସ୍ତାର ଉନ୍ନତୀକରଣ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ଯାଜପୁର ଓ ପାଣିକୋଇଲି ରାସ୍ତା ଓ କୋଠାବାଡ଼ି ଡିଭିଜନରେ ମୋଟ ୭୨ କୋଟି ଟଙ୍କା ବ୍ୟୟରେ ଉଦ୍‌ଘାଟନ ହୋଇଥିବା ୩ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି ଏବଂ ୧୧୨ କୋଟି ଟଙ୍କାର ଅନ୍ୟ ୩ ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ କରିଛନ୍ତି। ଏହାସହ ଓଡ଼ିଶା ରାଜ୍ୟ ଆଞ୍ଚଳିକ ପରିବହନ ନିଗମ ପକ୍ଷରୁ ଦଶରଥପୁର ବ୍ଲକରେ ୧୧ କୋଟି ୭୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମଙ୍ଗଳପୁର-କନିକାପଡ଼ା ଅଟଳ ବସ୍‌ଷ୍ଟାଣ୍ଡ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯାଜପୁର ବିଧାୟିକା ସୁଜାତା ସାହୁ, ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ, ଓଏସ୍‌ଆର୍‌ଟିସି ଜିଲା ପରିଚାଳକ ଅମଲେଶ ସିହ୍ନା ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁରରେ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ।

## ରାଜ୍ୟସ୍ତରୀୟ ଶିଶିର ମହୋତ୍ସବ

ଯାଜପୁର ସଦର ୧୨।୧ (ସମର ବିଜୟ ଶରଣ)

ଯାଜପୁରର ଅଗ୍ରଣୀ ଅନୁଷ୍ଠାନ ମା' ଯଶୋଦା କଳା ପରିଷଦ ଓ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ସହଭାଗିତାରେ ରାଜ୍ୟସ୍ତରୀୟ ଶିଶିର ମହୋତ୍ସବ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତ ନିର୍ଦ୍ଦେଶକ ବସନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ଡ. ତ୍ରିଲୋଚନ ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ନାଟ୍ୟକାର ନଟବର ଦାସ ଯୋଗଦେଇ କଳା ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ତପନ ମହାରନ୍ୟ ଶର୍ମା ଯୋଗଦେଇଥିଲେ। ଅନ୍ୟତମ ଅତିଥି ସାମାଜିକ କର୍ମୀ ନାରାୟଣ ପତି ଓ ମୋହନ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୦ଟି ଜିଲାର ବିଭିନ୍ନ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବା କ୍ଷେତ୍ରରେ ରାଜେନ୍ଦ୍ର ରାଉତରାୟ, ଶଶାଙ୍କ ଶେଖର ରଣା, କଳା କ୍ଷେତ୍ରରେ ରମାକାନ୍ତ ସାହୁ, ଅଶୋକ ସାହୁ ସଙ୍ଗୀତ କ୍ଷେତ୍ରରେ ଅରୁପମା ନାୟକ, ଅଙ୍ଗନୱାଡି କ୍ଷେତ୍ରରେ କଳ୍ପନା ନାୟକ, ଶିକ୍ଷା କ୍ଷେତ୍ରରେ ଅକ୍ଷୟ କୁମାର ଦାସ ଓ ମୁକ୍ତେଶ୍ୱର ଜେନା, କବି ଓ ନାଟ୍ୟକାର କ୍ଷେତ୍ରରେ ନଟବର ଦାସ ଓ ବୈଦ୍ୟନାଥ ପଣ୍ଡା, ସାମ୍ବାଦିକତା କ୍ଷେତ୍ରରେ ତପନ ମହାରନ୍ୟ ଶର୍ମା, ଅଭିନୟ କ୍ଷେତ୍ରରେ ବୃନ୍ଦାବନ ମିଶ୍ରଙ୍କୁ ମା' ବିରଜା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅର୍ଚ୍ଚନା ନୃତ୍ୟ ଗ୍ରୁପ୍ ଛନ୍ଦାମୁଣ୍ଡ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ନିରାକାର ମହାରଣା ଧନ୍ୟବାଦ ଦେଇଥିଲେ।

## ଯୁବଶକ୍ତି ଠିକ୍ ଉପଯୋଗ ହେଲେ ଦେଶର ଅଗ୍ରଗତି ହେବ




ଜାତୀୟ ଯୁବ ଦିବସରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

ରସୁଲପୁର, ୧୨।୧(ରଞ୍ଜିତ ରାଉତ)

**ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ଯୁବ ଦିବସ**

ରସୁଲପୁର ବ୍ଲକ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ, ଖଇରାବାଦ-ମୁଗୁପାଳର ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ସୋମବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷା ଶାରଦା କର ପୌରୋହିତ୍ୟ କରିଥିଲେ। ଏଥିରେ ଅତିଥିଗଣ ଯୋଗଦେଇ ଦେଶର ଯୁବଶକ୍ତିର ଠିକ୍ ବିନିଯୋଗ ହୋଇପାରିଲେ ଦେଶର ଅଗ୍ରଗତି ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ପ୍ରିୟନାଥ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୁରେଶ ଦାଶ, ସୁରେନ୍ଦ୍ର ପାତ୍ର, ବିଶ୍ୱଜିତ୍ ଦାଶ, କାନ୍ତିବାଳା ପଣ୍ଡା ପ୍ରମୁଖ ଯୋଗଦେଇ ଯୁବ ଶକ୍ତିର ବିକାଶ ଦିଗରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବତୀଯୁବକ ସ୍ୱାମିଜୀଙ୍କ ବାଣୀ, ତାଙ୍କ ଜୀବନୀ ପୁସ୍ତିକାକୁ ଅଧ୍ୟୟନ କଲେ ନିଜକୁ ଠିକ୍ ମାର୍ଗରେ ପରିଚାଳିତ କରି ଯୁବଶକ୍ତିର ବିକାଶ ହେବ ବୋଲି ଅତିଥିମାନେ କହିଥିଲେ। ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଧିକାରିଣୀ ଡ. କାଦମ୍ବିନୀ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଓଡ଼ିଆ ବିଭାଗର ଅଧାପକ ଡ. ବିଧୁଭୂଷଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଜାତୀୟ ସେବା ଶିବିରର ଶିବିରାର୍ଥୀମାନେ ସଂସ୍ଥାର ସଙ୍ଗୀତ ଗାନ କରିଥିଲେ। କଲେଜର ଅଧ୍ୟକ୍ଷା କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଜାତୀୟ ସେବା ସଂସ୍ଥାର ସହକାରୀ ଅଧିକାରୀ ସାଗର କୁଣ୍ଡୁ ଧନ୍ୟବାଦ ଦେଇଥିଲେ। ଏଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧାପକ ଅରୁଣ ଲାକ୍ରା, ଶତ୍ରୁଘ୍ନ ପଣ୍ଡା, ବେବି ମଲ୍ଲିକ, ସୁଚିତ୍ରା ସାହୁ, ପଦ୍ମିନୀ ତ୍ରିପାଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସରକାରୀ ଜମିରୁ ମାଟି ଉଠାଣକୁ ଗ୍ରାମବାସୀଙ୍କ ବିରୋଧ

ପାଣିକୋଇଲି, ୧୨।୧ ( ବିକାଶ ଚନ୍ଦ୍ର ମଲ୍ଲିକ):



କୋରେଇ ବ୍ଲକ୍ ଅନ୍ତର୍ଗତ ଅମୃତିଆ ପଞ୍ଚାୟତର ରଙ୍ଗାରଙ୍ଗା ଗ୍ରାମରେ ସୋମବାର ସରକାରୀ ଜମିରୁ ମାଟି ଉଠାଣକୁ ଗ୍ରାମବାସୀ ବିରୋଧ କରିବା ଫଳରେ ମାଟି ଉଠାଣ ବନ୍ଦ ରହିଛି। ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ପୂର୍ବରୁ ଏହି ରାସ୍ତାଟି ଥିବାବେଳେ ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏହି ରାସ୍ତାଟି ୩ ଭାଗରେ ବିଭକ୍ତ ହୋଇ ବନ୍ଧାଲୋଠାରୁ ରାଣିଗୋଡା ବଡେଇ ସାହି ପର୍ଯ୍ୟନ୍ତ ୨୦ କିଲୋମିଟର ରାସ୍ତା ଦୋହରୀକରଣ କାର୍ଯ୍ୟ ଚାଲୁଛି। ଏହି ରାସ୍ତା ଏଆର୍‌ଏସ୍‌ଏସ୍ ଠିକାସଂସ୍ଥା ଦ୍ୱାରା କରାଯାଉଛି। ୩୭ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ହେବାକୁ ଥିବାବେଳେ କାର୍ଯ୍ୟ ଆରମ୍ଭରୁ ବିବାଦ ଦେଖାଦେଇଛି। ଠିକାସଂସ୍ଥାର ମନମୁଖି କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିନା ସୂଚନା ଫଳକରେ କାର୍ଯ୍ୟ ଚାଲୁ ରହିବା, ରାସ୍ତାକଡରୁ ମନଇଚ୍ଛା ଗଛ କଟା, ମାଟି ଉଠାଣ ପରେ ଏବେ ସରକାରୀ ଗୋଚର ଜମିରୁ ମାଟି ଉଠାଣକୁ ନେଇ ବିବାଦ ଆରମ୍ଭ ହୋଇଛି। ରଙ୍ଗାରଙ୍ଗା ଗ୍ରାମର ୨ ଯୁବ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି। ଗୋଟିଏ ଗୋଷ୍ଠୀ ସରକାରୀ ଜମିରୁ ମାଟି ଉଠାଣକୁ ବିରୋଧ କରୁଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ମାଟି ଖୋଳା ସପକ୍ଷରେ ବାହାରିଛନ୍ତି। ପୂର୍ବରୁ ଖୋଳାଯାଇଥିବା ଖାଲ ନିକଟରେ ମାଟି ଖୋଳାଗଲେ ଏକ ପୋଖରୀ ସୃଷ୍ଟିହେବା ସହ ଏହା ଚାଷୀଙ୍କ ସ୍ୱାର୍ଥରେ ଲାଗିବ ବୋଲି ଯୁକ୍ତି କରିଛନ୍ତି। ଉଭୟଙ୍କ ମଧ୍ୟରେ ବିବାଦ ଜାରି ରହିବାରୁ ଠିକାସଂସ୍ଥା ଏଆର୍‌ଏସ୍‌ଏସ୍ ବାଧ ହୋଇ ବିବାଦକୁ ନ ଯାଇ ଗାଡ଼ି ସହ ମେଶିନ ଉଠାଇ ନେଇଛି। ଯଦି ସରକାରୀ ଜମିରୁ ମାଟି ଉଠାଣ ଜାରି ରହେ ତା' ହେଲେ ଏହାକୁ ବିରୋଧ କରାଯିବ ବୋଲି ଯୁବଗୋଷ୍ଠୀ ଚେତାବନୀ ଦେଇଛନ୍ତି।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ 31,04,600/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର ଷ୍ଟାଫ କ୍ୱାଟର୍ସ, ବରମୁଣ୍ଡା, ଭୁବନେଶ୍ୱର, ଓଡ଼ିଶାରେ ବ୍ଲକ ଜି, ଏଚ୍, ଆଇ, ଜେ, କେ, ଏଲ୍ (ଚତୁର୍ଥ ଶ୍ରେଣୀ) ର ବାହ୍ୟ ମରାମତି ଏବଂ ପୁନଃ ପେଣ୍ଟିଂ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 75 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ 28 ଜାନୁଆରୀ, 2026 ଅପରାହ୍ନ 02:00 ଟା ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ST-OT-HIRING-VEHICLE-532, ତା.06.01.2026ରିଖ

**କାର୍ଯ୍ୟର ନାମ :** 30 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସମ୍ପତ୍ତି (Asset)ଗୁଡ଼ିକର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ)/ବାଲୁଗାଁ, ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ)/ବ୍ରହ୍ମପୁର ଅଧିନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ତଥା ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନରାତି ଚାଳକ ସହିତ TATA 207-DI କିମ୍ବା ଅନୁରୂପ ଦୁଇ ଗୋଟି ବହୁ ଉପଯୋଗିତା ବିଶିଷ୍ଟ ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା।

**ଟେଣ୍ଡର ମୂଲ୍ୟ :** ₹ 35,40,000.00, **EMD :** ₹ 70,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-

ବିଡ୍ ଆରମ୍ଭ ହେବା ତାରିଖ : ତା.14.01.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.01.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-993/Q/25-26

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KESINGA**
E_mail:eerwkesinga@yahoo.com
**e-Procurement Notice**
**BID IDENTIFICATION NO.RWKSNG-online-08/25-26**

**No.O-2027:** 1. Name of Works: Building works & Road Works (As per annexure). 2. Total No. of Work: 18 Nos. 3. Estimated Cost: Rs.1.46 Lakhs to Rs.34.11 lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: 'D' 'C' & 'B' Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online-09/ 25-26 | 13.01.2026 at 11.00 A.M. | 21.01.2026 upto 17.00 P.M. | 19.01.2026 upto 11.00 A.M. | 22.01.2026 at 11.00 A.M. |

Further details can be seen from the Website i.e. www.tenderodisha.gov.in
OIPR- Sd./- Superintending Engineer, Rural Works Division, Kesinga

**GOVERNMENT OF ODISHA**
**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI, RAGHUNATHPUR**
'e' mail ID: ori-raghunathpur@nic.in
No.i-470
**'e' Procurement Notice No. BDO-RPS-02 of 2025-26**

| | | |
|---|---|---|
| 1 | Number of the Work | 02 (Two) Nos. |
| 2 | Tender Amount (Approx.) | Rs.23.43 Lakh (Each) |
| 3 | EMD (Online) | Rs.23,500.00 |
| 4 | Tender Paper Cost (Online) (Non-Refundable) | Rs.6,000.00 |
| 5 | Class of Contractor | "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Date & Time of Opening of BID | Place of Opening of Bid |
|---|---|---|---|---|---|---|
| | | From | To | | | |
| Block Development Officer, Raghunathpur | BDO-RPS-02/2025-26 | **13.01.2026** at 10.00 Hours | **28.01.2026** at 17.30 Hours | 22.01.2026 upto 1.00 P.M. during office hours on working days | 29.01.2026 upto 11.00 AM during office hours | O/o the Panchayat Samiti, Raghunathpur |

Further details can be seen from the Govt. website **"https://tendersodisha.gov.in"**
All corrigendum/ cancellation of tender if any, will only be uploaded in the above website.
OIPR- Sd./- BLOCK DEVELOPMENT OFFICER, RAGHUNATHPUR

**MUNICIPAL OFFICE: KENDRAPARA**
**ପୌରପାଳିକା କାର୍ଯ୍ୟାଳୟ: କେନ୍ଦ୍ରାପଡ଼ା**
E-mail:kendraparamunicipality@gmail.com
Notice No.118/KM, Date:09.01.26
**"e" Procurement Notice**

**No.C-2037:** Bid documents consisting of work, Estimate Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.
1. Tender Reference No.EO_KM_03_2025-26.
2. Total No. of Work: 01 to 85 Nos.
3. Estimated Cost: Rs.2,05,380/- to Rs.1,26,94,989/-.
4. Period of Completion: 60 days to 120 days.
5. Date & Time of Bidding: Dt.19.01.26 at 11.00 AM to Dt.03.02.26 at 5.00 P.M.
6. Last Date & Time for receipt of bids in the portal: Dt.03.02.26 at 5.00 P.M.
7. Bids received Online shall be opened on: Dt.04.02.26 at 11.00 AM.
8. Name & Address of the Officer Inviting Bid: Executive Officer, Kendrapara Municipality.

Further details can be seen from the procurement portal i.e. www.tendersorissa.gov.in.
OIPR- Sd./- Executive Officer, Kendrapara Municipality

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସୂଚନା ପ୍ରଯୁକ୍ତି ବିଭାଗ
୧୪ତମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ
ଶହୀଦ ଭଗତ ସିଂ ମାର୍ଗ, ଫୋର୍ଟ, ମୁମ୍ବାଇ - ୪୦୦୦୦୧

**ପରିବେଶୀୟ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା ପରିବେଶୀୟ ମଞ୍ଜୁରୀ ଫାଇଲ୍ ସଂ. ୫୨୦୧୧୬/୭୭-ଇନ୍‌ଫ୍ରା୨/୦୧-୨୦୨୫, ତାରିଖ: ଜାନୁଆରୀ ୦୭, ୨୦୨୬ ଜରିଆରେ "ଇଡ୍‌କୋ ପ୍ଲଟ୍ ନଂ. ଏସ୍‌୫-ଏଚ୍-୦୫, ଇଏମସି ପାର୍କ, ଇନଫୋଭ୍ୟାଲି II, ଯାଆଁଳା, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା ରେ ୧୮.୫୫ ଏକର କ୍ଷେତ୍ରରେ ଆରବିଆଇ ଗ୍ରୀନଫିଲ୍ଡ ଡାଟା ସେଣ୍ଟର ଏବଂ ଉଦ୍ୟୋଗସ୍ତରୀୟ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ" ପରିବେଶୀୟ ମଞ୍ଜୁରୀ ପ୍ରଦାନ କରିଛନ୍ତି।

**ଉପରୋକ୍ତ ପରିବେଶୀୟ ମଞ୍ଜୁରୀ ପତ୍ରର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାରେ ଉପଲବ୍ଧ ଏବଂ ତାହାକୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC)ର ପରିବେଶ ପୋର୍ଟାଲ୍ ୱେବସାଇଟ୍ (www.parivesh.nic.in) ରେ ମଧ୍ୟ ଦେଖାଯାଇପାରିବ।**

ସ୍ଥାନ: ମୁମ୍ବାଇ
ପ୍ରଭାରୀ ମୁଖ୍ୟ ମହାପ୍ରବନ୍ଧକ

**DISTRICT PROJECT OFFICE, RTE-SS, JAGATSINGHPUR**
Notice No. 54/2026 Date : 09.01.2026
**NOTICE INVITING TENDER (NIT)**
**Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026**

Sealed tenders are invited from the reputed & credible printers/ firms / agencies having up to date DIC, TAN/PAN, GST registration certificate for Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026 in respect of all Govt. & Govt. Aided (Primary and Upper Primary schools) of Jagatsinghpur District.

The details are also available in NIC website i.e www.jagatsinghpur.nic.in/http://jagatsinghpur.odisha.gov.in & www.opepa.in.

By Order of Collector-cum-Chairperson, SS, Jagatsinghpur
Sd./- DEO-cum-DPC
SS, Jagatsinghpur

# ପରିବେଶ ସୁରକ୍ଷା ପାଇଁ ବୈଦ୍ୟୁତିକ ଯାନ ବ୍ୟବହାରକୁ ଗୁରୁତ୍ୱ

## ବାଲିକୁଦାରେ ଅଟଳ ବସ୍‌ଷ୍ଟାଣ୍ଡ,ଇଭି ଚାର୍ଜିଂ ଷ୍ଟେଶନ ଶୁଭାରମ୍ଭ

ବାଲିକୁଦା,୧୨।୧(ତାପସ ସ୍ୱାଇଁ)

ସାରା ରାଜ୍ୟରେ ଏବେ ଜାତୀୟ ସଡକ ସୁରକ୍ଷା ମାସ ପାଳିତ ହେଉଥିବା ବେଳେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନର କନ୍‌ଭେନ୍‌ସନ ହଲ୍‌ରେ ୧୪ଟି ନୂତନ ଅଟଳ ବସ୍‌ଷ୍ଟାଣ୍ଡକୁ ଲୋକାର୍ପିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜଗତ୍‌ସିଂହପୁର ଜିଲାର ବାଲିକୁଦାଠାରେ ଅଟଳ ବସ୍‌ଷ୍ଟାଣ୍ଡ ଓ ଇଭି ଚାର୍ଜିଂ ଷ୍ଟେଶନ ଲୋକାର୍ପଣ କରାଯାଇଛି। ଏନେଇ ବାଲିକୁଦାଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ଏମ୍‌ପି ବିଭୁପ୍ରସାଦ ତରାଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ସମ୍ମାନିତ ଅତିଥିଭାବେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଜିଲାପାଳ ଜେ.ସୋନାଲ, ଏସ୍‌ଡିପିଓ ଅଜିଙ୍କ୍ୟା ମାଣେ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ବିଡିଓ ସାଗର ନନ୍ଦ, ତହସିଲଦାର ବିକାଶ ରଞ୍ଜନ, ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ୨.୭ ଏକର ପରିମିତ ଏହି ବସଷ୍ଟାଣ୍ଡରେ ୭ଟି ବସ ରହିଥିବାବେଳେ ୩ଟି ବ୍ଲକ ମୁଖ୍ୟାଳୟରୁ ଜିଲା ମୁଖ୍ୟାଳୟ ଏବଂ ୪ ଟି ବ୍ଲକ ମଧ୍ୟରେ ପରିବହନ ସେବା ଯୋଗାଇବ। ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ଅନ୍ତର୍ଗତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଯାତ୍ରା ମାଗଣା ଥିବାବେଳେ ମହିଳାମାନଙ୍କ ପାଇଁ ୫ ଟଙ୍କା ଭଡ଼ା ରହିଛି। ଏହି ଅବସରରେ ମୁଖ୍ୟ ଅତିଥି ତରାଇ କହିଥିଲେ ଯେ, ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ବୈଦ୍ୟୁତିକ ଯାନ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଚାର୍ଜିଂ ଷ୍ଟେଶନର ମଧ୍ୟ ଆବଶ୍ୟକତା ରହିଛି। ଆଗାମୀ ଦିନରେ ଆହୁରି ଅଧିକ ଚାର୍ଜିଂଷ୍ଟେଶନ ସହ ଜିଲାର ସମସ୍ତ ପଞ୍ଚାୟତ ସମିତି ଓ ପୌରପାଳିକା ଗୁଡିକରେ ଅଟଳ ବସ୍‌ଷ୍ଟାଣ୍ଡ ପ୍ରତିଷ୍ଠା କରାଯିବ ବୋଲି କହିଥିଲେ। ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ କହିଥିଲେ ଯେ, ସମସ୍ତଙ୍କ ସହଯୋଗ, ଲୋକ ପ୍ରତିନିଧିମାନଙ୍କ ସୁପରାମର୍ଶ ଓ ପ୍ରଶାସନର ସହଯୋଗରେ ଜିଲାର ଉନ୍ନତି ସମ୍ଭବ। ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ ସଡ଼କ ସୁରକ୍ଷାର ନିୟମ ମାନି ଚାଲିବାକୁ ଉପଦେଶ ଦେଇଥିଲେ। ବିଡିଓ ନନ୍ଦ ସଭା ପରିଚାଳନା କରିଥିଲେ।



ଏମ୍‌ପି ବିଭୁ ପ୍ରସାଦ ତରାଇ ଓ ଅନ୍ୟ ଅତିଥିମାନେ ନୂତନ ବସ୍‌ଷ୍ଟାଣ୍ଡକୁ ଉଦ୍‌ଘାଟନ କରୁଛନ୍ତି।

# ସାମୂହିକ ବନ୍ଦେ ମାତରମ୍ ଗାନ, ଜାତୀୟ ଯୁବ ଉତ୍ସବ



ଶିକ୍ଷାନୁଷ୍ଠାନ ପରିସରରେ ସାମୂହିକ ବନ୍ଦେ ମାତରମ୍ ଗାନ କରାଯାଉଛି।

ଜଗତ୍‌ସିଂହପୁର, ୧୨।୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁରର ପୁରାତନ ଶିକ୍ଷାନୁଷ୍ଠାନ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ସାମୁହିକ ବନ୍ଦେ ମାତରମ୍ ଗାନ ଓ ଜାତୀୟ ଯୁବ ଉତ୍ସବ ପାଳିତ ହୋଇଯାଇଛି। ପୂର୍ବାହ୍ନ ୧୧ଟାରେ ବନ୍ଦେ ମାତରମ୍ ଗାନ ପରେ ଆତ୍ମନିର୍ଭର ସ୍ୱଦେଶୀ ସଂକଳ୍ପପତ୍ର ସମ୍ବନ୍ଧରେ ଶପଥ ପାଠ କରାଯାଇଥିଲା। ପରେ ଜାତିର ପିତା ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ, ବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀକୃଷ୍ଣ ମହାପାତ୍ର, ପୂର୍ବତନ କୃତୀ ପ୍ରଧାନ ଶିକ୍ଷକମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ପୌର ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ନିର୍ବାହୀ ଅଧିକାରୀ ସୀମା ଜେନା, ଡିଆଇପିଆର୍‌ଓ ପ୍ରତିଟୀ ତନୟା ମହାନ୍ତି ଓ ଜିଲା ସଂସ୍କୃତି ଅଧିକାରୀ ଦିଲୀପ ଜେନାଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ସ୍ୱଚ୍ଛସାଥି ଓ ପୌର ପରିଷଦ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ରାଇଚରଣ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଶିକ୍ଷକ ପ୍ରତାପ ଚନ୍ଦ୍ର ରାଉତରାୟ ଧନ୍ୟବାଦ ଦେଇଥିଲେ।

# ସାକ୍ଷରତା, ବେଟି ବଚାଓ ବେଟି ପଢ଼ାଓକୁ ଗୁରୁତ୍ୱ

ରଘୁନାଥପୁର,୧୨।୧
(ରାଜେନ୍ଦ୍ର ନାରାୟଣ ସିଂହ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ରଘୁନାଥପୁର ବ୍ଲକ କୁର୍ଭାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର କ୍ୟାମ୍ପ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସାକ୍ଷରତା, ବେଟି ବଚାଓ ବେଟି ପଢ଼ାଓକୁ ଗୁରୁତ୍ୱ ଦିଆଯିବା ସହ ସ୍ୱଚ୍ଛତା ଓ ନିରାମୟ ଜୀବନ ପାଇଁ ଯୋଗ ହିଁ ଏକମାତ୍ର ମାଧ୍ୟମ ବୋଲି ପ୍ରଶିକ୍ଷାର୍ଥୀମାନେ ସଚେତନ ବାର୍ତ୍ତା ପହଞ୍ଚାଇଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ସଭାରେ ପ୍ରୋଗ୍ରାମ ଅଫିସର ଲତିଫ ମହମ୍ମଦ ପୌରୋହିତ୍ୟ କରିଥିଲେ। କଲେଜ ଅଧ୍ୟକ୍ଷ ମୋହନ ଚରଣ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହ ସମାଜ ସେବାକୁ ଛାତ୍ରୀଛାତ୍ରମାନେ ଆପଣେଇ ରାଷ୍ଟ୍ର ହିତରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଅଭୟ କୁମାର ମହାରଣା, କୁମୁଦିନୀ ଦ୍ୱିବେଦୀ, ତ୍ରିଲୋଚନ ମହାପାତ୍ର, ବିଭୂତି ମହାପାତ୍ର, ମିଟୁ ରାଉତ ପ୍ରମୁଖ ସମାଜରେ ସଂସ୍କାର ଧର୍ମୀ ଓ ଉଦାରବାଦର ପରିଚୟ ଛାଡ଼ିବା ପାଇଁ ଆହ୍ୱାନ ଦେଇଥିଲେ। କର୍ମଚାରୀ ଗୌରାଙ୍ଗ ସେଠୀ ଓ ପ୍ରଭାତ ପଲେଇ ପ୍ରମୁଖ ସହଯୋଗ କରିଥିଲେ।

# ଟାଟା କମ୍ପାନୀର ମନମାନିକୁ ବିରୋଧ

## ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ରଘୁନାଥପୁର,୧୨।୧(ରାଜେନ୍ଦ୍ର ନାରାୟଣ ସିଂହ)

ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାର କମ୍ପାନୀ ମନମାନି କରୁଥିବା ଅଭିଯୋଗ କରି ରଘୁନାଥପୁର ମଣ୍ଡଳ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ରଞ୍ଜନ ମହାନ୍ତି ଓ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ସଦସ୍ୟମାନେ ସ୍ଥାନୀୟ ମଦନ ମୋହନ ମଠରୁ ଏକ ରାଲିରେ ବାହାରି ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀର ଲାଭଖୋର ମନୋଭାବ କିପରି ସାଧାରଣ ଜନତାଙ୍କ ପାଇଁ କାଳ ସାଜିଛି ସେ ସମ୍ପର୍କରେ ବକ୍ତାମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବିଶେଷ କରି ଅତିରିକ୍ତ ସୁରକ୍ଷା ଦେୟ ଓ ସ୍ମାର୍ଟ ମିଟର ବସାଇବାକୁ ବିରୋଧ କରିଥିଲେ। ଯଦି କମ୍ପାନୀ ଏଭଳି ନୀତିରୁ ବିରତ ନ ରୁହେ ତାହାଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହାପରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘ ଉପଦେଷ୍ଟା ଡ.ରାଜକିଶୋର ବରାଳ, କେଦାର ଚନ୍ଦ୍ର ବେହେରା, ମୁରଲୀଧର ମହାନ୍ତି, ବିନୋଦ ବିହାରୀ ମହାନ୍ତି, ବିପିନ ସ୍ୱାଇଁ, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଅଜୟ ନାୟକ, ଘନଶ୍ୟାମ ମହାରଣା, କୃଷ୍ଣଚନ୍ଦ୍ର ମହାନ୍ତି, ଦୁର୍ଗାପ୍ରସାଦ ମହାନ୍ତି, ନାରାୟଣ ସିଂହ ଓ ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ଏଥିରେ ସାମିଲ ଥିଲେ।


ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏସ୍‌ଡିଓଙ୍କୁ ଦାବିପତ୍ର ଦିଆଯାଉଛି।

# ସିପିଆଇ ନେତାଙ୍କ ପରଲୋକ

ଏରସମା, ୧୨। ୧ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତସ୍ଥିତ ବୋଡିଗାଁର ଜଣାଶୁଣା ସିପିଆଇ ନେତା ବଂଶୀଧର ବେହେରା(୮୪)ଙ୍କ ସୋମବାର ପରଲୋକ ଘଟିଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସୋମବାର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବଂଶୀଧରଙ୍କ ମୃତ୍ୟୁ ଘଟିଛି। ଖବରପାଇ ନାଟ୍ୟ ନିର୍ଦ୍ଦେଶକ ଲୋକନାଥ ମହାନ୍ତି, ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶୀ ଭୂଷଣ ସ୍ୱାଇଁ,ଏରସମା ବ୍ଲକ କଂଗ୍ରେସ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ପଲ୍ଲୀକଣ୍ଠା ପଞ୍ଚାୟତର ସରପଞ୍ଚ ସଂଶୟ ସ୍ୱାଇଁ, କଂଗ୍ରେସର ଯୁବନେତା ଅଭିଜିତ ସାହୁ ପ୍ରମୁଖ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପସ୍ଥିତ ହୋଇ ତାଙ୍କ ଶେଷଦର୍ଶନ କରିଥିଲେ। ସେ ସିପିଆଇ ଦଳରେ ରହି ସାମୂହିକ ସ୍ୱାର୍ଥ ପାଇଁ ବିଭିନ୍ନ ସାମାଜିକ ଓ ବୈପ୍ଳବିକ କାର୍ଯ୍ୟରେ ନିଜ ସାରା ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କ ବିୟୋଗରେ ଏରସମା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଯୁଗ୍ମ ଜନଅଭିଯୋଗ ଶୁଣାଣିରେ ୮୦ ଅଭିଯୋଗ

କୁଜଙ୍ଗ,୧୨।୧(ମନୋଜ ପ୍ରଧାନ)

ଜଗତସିଂହପୁର ଜିଲା ପ୍ରଶାସନ ପକ୍ଷରୁ କୁଜଙ୍ଗ ସ୍ଥିତ ସୂଚନା କେନ୍ଦ୍ରଠାରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉପରିସ୍ଥ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ ୮୦ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୬୬ ଗୋଷ୍ଠୀଗତ ସମସ୍ୟା /ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୪ଟି ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାସନ କାର୍ଡ ସମସ୍ୟା ୧, ଆବାସ ପାଇଁ ୧୩, ଜମିଜମା ୧୬, ଭତ୍ତା ପାଇଁ ୭, ପୋଲିସ ସହାୟତା ପାଇଁ ୧୦ ଏବଂ ଅନ୍ୟାନ୍ୟ ୧୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜଗତ୍‌ସିଂହପୁରର ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ପାରାଦୀପ ପୌର ପରିଷଦର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ: ଶିକ୍ଷାନୁଷ୍ଠାନର ଗରିମା କଥା କହେ ଉତ୍ସବ

ପାରାଦୀପ,୧୨।୧(ଶରତ ରାଉତ): ପାରାଦୀପ ନୂଆବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ଉତ୍ସବ ଶିକ୍ଷାନୁଷ୍ଠାନର ଗରିମ କଥା କହେ ବୋଲି କହିଥିଲେ। ପାରାଦୀପର ଶିଶୁ ବିଦ୍ୟାମନ୍ଦିର ଅନେକ ସଂଘର୍ଷ କରି ଏବେ ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ପାଲଟିଛି। ଗତ କିଛି ବର୍ଷ ହେଲା ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ରାଜ୍ୟ ସ୍ତରରେ ସୁନାମ ଅର୍ଜନ କରୁଛନ୍ତି ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଶିକ୍ଷା ବିକାଶ ସମିତିର କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ଓ ରବି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନା ସମିତି ସଭାପତି ନିରଞ୍ଜନ ଖୁଣ୍ଟିଆ ସଭାପତିତ୍ୱ କରିଥିଲେ।

# ବିବେକାନନ୍ଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ


ଛାତ୍ରୀଛାତ୍ରଙ୍କ ଗହଣରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ।

**ଜଗତ୍‌ସିଂହପୁର, ୧୨।୧ (ପ୍ରମୋଦ କୁମାର ନାୟକ):** ଓଡ଼ିଶା ରାଜ୍ୟ ଦୃଷ୍ଟିହୀନ ଓ ପାରା ଜୁଡୋ ଆସୋସିଏଶନ ପକ୍ଷରୁ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ପାରାଦୀପସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ବିବେକାନନ୍ଦଙ୍କ ଜୀବନଗାଥା, ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ପାରା ଜୁଡୋ ଚାମ୍ପିୟନଶିପରେ ବିଜେତା ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଖେଳୁଆଡ ମନୋଭାବ ସବୁବେଳେ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।

୨୦୨୪ ଡିସେମ୍ବର ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଶ୍ରୀଗଙ୍ଗାନଗରସ୍ଥିତ ବିଡିଆଇଏସ କ୍ରୀଡା ସଂକୁଳରେ ୧୪ତମ ଜାତୀୟ ପାରା ଜୁଡୋ ଚାମ୍ପିୟନଶିପରେ ଓଡ଼ିଶା ଦଳର ଖେଳାଳିମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାର ଖେଳାଳୀମାନେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ସହ ବହୁ ପଦକ ଜିତି ରାଜ୍ୟର ଗୌରବ ବଢ଼ାଇଥିଲେ। ରାଷ୍ଟ୍ରୀୟ ଯୁବ ଦିବସ ପରିପ୍ରେକ୍ଷୀରେ ପାରାଦୀପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମେଡାଲ ପାଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାରା ଜୁଡୋ ପ୍ରତି ଦିନକୁ ଦିନ ପିଲାମାନଙ୍କର ଆଗ୍ରହ ବଢ଼ିବାରେ ଲାଗିଛି ସ୍ୱାଇଁ କହିଥିଲେ। ଏହି କାର୍ଯ୍ୟକ୍ରମରେ ପାରା ଜୁଡୋ ଆସୋସିଏଶନର ଛାତ୍ରୀ, ଛାତ୍ର, ବିଦ୍ୟାଳୟର ଛାତ୍ରୀ, ଛାତ୍ରମାନଙ୍କ ସମେତ କ୍ରୀଡ଼ାପ୍ରେମୀମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ପାରାଦୀପ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ସର୍ବେଶ୍ୱର ବଳିୟାରସିଂ ଓ ସୁବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ପାରାଦୀପ, (ଶରତ ରାଉତ):** ।ରାଦୀପ ଜୟଦେବ ଭବନରେ ସୋମବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସମ୍ମାନିତ ଅତିଥି ଏମ୍‌ପି ବିଭୁପ୍ରସାଦ ତରାଇ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଜିଲା ଭାଜପା ସଭାପତି ପ୍ରତାପ ମିଶ୍ର, ପୂର୍ବତନ ବନ୍ଦର ଟ୍ରଷ୍ଟି ଭୁବନ ଜେନା, ଯୋଗଗୁରୁ ତାପସ ରଞ୍ଜନ ପତି ପ୍ରମୁଖ ଯୋଗ ଦେଇ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଯୁବ ଦିବସରେ ଦିନ ତମାମ ସେବାମୂଳକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଯୋଗ ଶିବିର, ସାଧୁସନ୍ଥ ସମ୍ମିଳନୀ, ଗୋ ସେବା, ଚାରା ରୋପଣ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯାଇଥିଲା। ଟ୍ରଷ୍ଟର ସଭାପତି ବିଭୁପ୍ରସାଦ ନାୟକ, ସମ୍ପାଦକ ପ୍ରତାପ ନାୟକ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ରଘୁନାଥପୁର,(ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ବ୍ଲକ ରେଢୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କେନ୍ଦ୍ର ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନସ୍ଥ ମାଇଁ ଇଣ୍ଡିଆ ଓ ଯୁବ ରେଡ଼କ୍ରସ ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ଓ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ ଅଧ୍ୟକ୍ଷ ପ୍ରତାପ କୁମାର ଲେଙ୍କା ପୌରୋହିତ୍ୟ କରିଥିଲେ। ଆଲୋଚକ ଭାବେ ପ୍ରାକ୍ତନ ଅଧ୍ୟକ୍ଷ ରାମରଞ୍ଜନ ସ୍ୱାଇଁ, ଏସ୍‌ଭିଏମ କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ବିଜୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର – 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ 31,08,600/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର ଷ୍ଟାଫ କ୍ୱାଟର୍ସ, ବରମୁଣ୍ଡା, ଭୁବନେଶ୍ୱର, ଓଡ଼ିଶାରେ ବ୍ଲକ ଜି, ଏଚ୍, ଆଇ, ଜେ, କେ, ଏଲ୍ (ଚତୁର୍ଥ ଶ୍ରେଣୀ) ର ବାହ୍ୟ ମରାମତି ଏବଂ ପୁନଃ ପେଣ୍ଟିଂ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 75 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ 28 ଜାନୁଆରୀ, 2026 ଅପରାହ୍ନ 02:00 ଟା ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. ST-OT-HIRING-VEHICLE-532, ତା.06.01.2026ରିଖ

**କାର୍ଯ୍ୟର ନାମ :** 30 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସମ୍ପତ୍ତି (Asset)ଗୁଡ଼ିକର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ)/ବାଲୁଗାଁ, ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ)/ବ୍ରହ୍ମପୁର ଅଧୀନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ତଥା ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନରାତି ଚାଳକ ସହିତ TATA 207-DI କିମ୍ବା ଅନୁରୂପ ଦୁଇ ଗୋଟି ବହୁ ଉପଯୋଗିତା ବିଶିଷ୍ଟ ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା।
**ଟେଣ୍ଡର ମୂଲ୍ୟ :** ₹ 35,40,000.00, **EMD :** ₹ 70,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-
ବିଡ୍ ଆରମ୍ଭ ହେବା ତାରିଖ : ତା.14.01.2026ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.01.2026ରିଖ 1100 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-993/Q/25-26



**MUNICIPAL OFFICE: KENDRAPARA**
ପୌରପାଳିକା କାର୍ଯ୍ୟାଳୟ: କେନ୍ଦ୍ରାପଡ଼ା
E-mail:kendraparamunicipality@gmail.com
Notice No.118/KM, Date:09.01.26
"e" Procurement Notice
**No.C-2037:** Bid documents consisting of work, Estimate Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.
1. Tender Reference No.EO_KM_03_2025-26.
2. Total No. of Work: 01 to 85 Nos.
3. Estimated Cost: Rs.2,05,380/- to Rs.1,26,94,989/-.
4. Period of Completion: 60 days to 120 days.
5. Date & Time of Bidding: Dt.19.01.26 at 11.00 AM to Dt.03.02.26 at 5.00 P.M.
6. Last Date & Time for receipt of bids in the portal: Dt.03.02.26 at 5.00 P.M.
7. Bids received Online shall be opened on: Dt.04.02.26 at 11.00 AM.
8. Name & Address of the Officer Inviting Bid: Executive Officer, Kendrapara Municipality.

Further details can be seen from the procurement portal i.e. www.tendersorissa.gov.in.
OIPR- Sd./- Executive Officer, Kendrapara Municipality



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସୂଚନା ପ୍ରଯୁକ୍ତି ବିଭାଗ
୧୪ତମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ
ଶହୀଦ ଭଗତ ସିଂ ମାର୍ଗ, ଫୋର୍ଟ, ମୁମ୍ବାଇ - ୪୦୦୦୦୧

**ପରିବେଶୀୟ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା ପରିବେଶୀୟ ମଞ୍ଜୁରୀ ଫାଇଲ୍ ସଂ. ୫୨୦୧୧୬/୭୭-ଇନ୍‌ଫ୍ରା୨/୦୧-୨୦୨୫, ତାରିଖ: ଜାନୁଆରୀ ୦୭, ୨୦୨୬ ଜରିଆରେ "ଇଡ୍‌କୋ ପ୍ଲଟ୍ ନଂ. ଏସ୍୫-ଏଚ୍-୦୫, ଇଏମସି ପାର୍କ, ଇନଫୋଭ୍ୟାଲି II, ଯାଆଁଳା, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା ରେ ୧୮.୫୫ ଏକର କ୍ଷେତ୍ରରେ ଆରବିଆଇ ଗ୍ରୀନଫିଲ୍ଡ ଡାଟା ସେଣ୍ଟର ଏବଂ ଉଦ୍ୟୋଗସ୍ତରୀୟ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ" ପରିବେଶୀୟ ମଞ୍ଜୁରୀ ପ୍ରଦାନ କରିଛନ୍ତି।

**ଉପରୋକ୍ତ ପରିବେଶୀୟ ମଞ୍ଜୁରୀ ପତ୍ରର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାରେ ଉପଲବ୍ଧ ଏବଂ ତାହାକୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC)ର ପରିବେଶ ପୋର୍ଟାଲ୍ ୱେବସାଇଟ୍ (www.parivesh.nic.in) ରେ ମଧ୍ୟ ଦେଖାଯାଇପାରିବ।**

**ସ୍ଥାନ: ମୁମ୍ବାଇ** **ପ୍ରଭାରୀ ମୁଖ୍ୟ ମହାପ୍ରବନ୍ଧକ**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KESINGA**
E_mail:eerwkesinga@yahoo.com
e-Procurement Notice
BID IDENTIFICATION NO.RWKSNG-online-08/25-26

**No.O-2027:**1. Name of Works: Building works & Road Works (As per annexure). 2. Total No. of Work: 18 Nos. 3. Estimated Cost: Rs.1.46 Lakhs to Rs.34.11 lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: 'D' 'C' & 'B' Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online-09/ 25-26 | 13.01.2026 at 11.00 A.M. | 21.01.2026 upto 17.00 P.M. | 19.01.2026 upto 11.00 A.M. | 22.01.2026 at 11.00 A.M. |

Further details can be seen from the Website i.e. www.tenderodisha.gov.in
OIPR- Sd./- Superintending Engineer, Rural Works Division, Kesinga



**GOVERNMENT OF ODISHA**
**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI, RAGHUNATHPUR**
'e' mail ID: ori-raghunathpur@nic.in
No.i-470
'e' Procurement Notice No. BDO-RPS-02 of 2025-26

| | | |
|---|---|---|
| 1 | Number of the Work | 02 (Two) Nos. |
| 2 | Tender Amount (Approx.) | Rs.23.43 Lakh (Each) |
| 3 | EMD (Online) | Rs.23,500.00 |
| 4 | Tender Paper Cost (Online) (Non-Refundable) | Rs.6,000.00 |
| 5 | Class of Contractor | "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Date & Time of Opening of BID | Place of Opening of Bid |
|---|---|---|---|---|---|---|
| | | From | To | | | |
| Block Development Officer, Raghunathpur | BDO-RPS-02/2025-26 | 13.01.2026 at 10.00 Hours | 28.01.2026 at 17.30 Hours | 22.01.2026 upto 1.00 P.M. during office hours on working days | 29.01.2026 upto 11.00 AM during office hours | O/o the Panchayat Samiti, Raghunathpur |

Further details can be seen from the Govt. website "https://tendersodisha.gov.in"
All corrigendum/ cancellation of tender if any, will only be uploaded in the above website.
OIPR- Sd./- BLOCK DEVELOPMENT OFFICER, RAGHUNATHPUR



**DISTRICT PROJECT OFFICE, RTE-SS, JAGATSINGHPUR**
Notice No. 54/2026 Date : 09.01.2026
NOTICE INVITING TENDER (NIT)
**Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026**

Sealed tenders are invited from the reputed & credible printers/ firms / agencies having up to date DIC, TAN/PAN, GST registration certificate for Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026 in respect of all Govt. & Govt. Aided (Primary and Upper Primary schools) of Jagatsinghpur District.

The details are also available in NIC website i.e www.jagatsinghpur.nic.in/http://jagatsinghpur.odisha.gov.in & www.opepa.in.

By Order of Collector-cum-Chairperson, SS, Jagatsinghpur
Sd./- DEO-cum-DPC
SS, Jagatsinghpur

# ନ୍ୟାୟ ପାଇଁ ପିସିସି ସଭାପତିଙ୍କ ଆହ୍ୱାନ

## ନୟାଗଡ଼ରେ ଚାଷୀ ନ୍ୟାୟ ସମାବେଶ

■ଚାଷୀଙ୍କୁ ଲୁଟୁଛନ୍ତି ଭାଜପା ସରକାର

ନୟାଗଡ଼,୧୨।୧(ଲୋକନାଥ ମିଶ୍ର)




ଚାଷୀ ସମାବେଶରେ ପିସିସି ସଭାପତି ଭକ୍ତଚରଣ ଦାସ ଓ ଅନ୍ୟ ଦଳୀୟ ନେତାମାନେ।

ନୟାଗଡ଼ ଜିଲା ପୁରୁଣା ଜେଲ ଜମିରେ କଂଗ୍ରେସ ପକ୍ଷରୁ ବିରାଟ ଚାଷୀ ନ୍ୟାୟ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଚାଷୀଙ୍କୁ ଭାଜପା ସରକାର ଲୁଟୁଛନ୍ତି ବୋଲି ଅଭିଯୋଗ କରିଥିଲେ। ନ୍ୟାୟ ପାଇଁ ଚାଷୀ ଲଢ଼ିବା ଦରକାର। କଂଗ୍ରେସ ଏଥିପାଇଁ ସଂଗ୍ରାମ ଆରମ୍ଭ କରିବ ବୋଲି ଆହ୍ୱାନ ଦେଇଛନ୍ତି। ପିସିସି ସଭାପତି କହିଲେ, କଟନୀଛଟ୍‌ନୀ ଯୋଗୁ ଚାଷୀ କୁଇଣ୍ଟାଲରେ ୩୦୦ରୁ ୩୧୦ ଟଙ୍କା ହରାଉଥିବା ବେଳେ ଅଭାବି ବିକ୍ରି ଯୋଗୁ ଚାଷୀ ୧୧୦୦ରୁ ୧୨୦୦ ଟଙ୍କା ହରାଉଥିବାରୁ ତାର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇ ପାରିବ ନାହିଁ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ମଣ୍ଡି ଅବ୍ୟବସ୍ଥା, କଟ୍‌ନୀ ଛଟନୀ ବନ୍ଦ କରିବା, ଅଭାବୀ ଧାନ ବିକ୍ରିରୁ ମୁକ୍ତ କରିବା ପରି ଅନେକ ଦାବି ରହିଛି।

ନୟାଗଡ଼ରେ ମଣ୍ଡିରେ ଧାନ ରଖିବାକୁ ଯାଗା ନାହିଁ, ଚାଉଳ ଗୋଦାମ ନାହିଁ। ରାଜ୍ୟର ସବୁ ଜିଲାରେ ଏଭଳି ସମସ୍ୟା। ଏଣୁ ଛାଷୀର ଧାନ ଧାନ ଉଠାଉ ନାହାନ୍ତି। ୩୧୦୦ ଟଙ୍କା କୁଇଣ୍ଟାଲ ପିଛା ଦେବା ପାଇଁ ସରକାରଙ୍କ ପାଖରେ ଟଙ୍କା ନାହିଁ। ଏଣୁ ସରକାର ଧାନ କିଣୁ ନାହାନ୍ତି। ପରେ ଏତେ ଲକ୍ଷ ଚାଷୀଙ୍କଠାରୁ ଧାନ କିଣିଲେ ବୋଲି କହିବେ। ଅନ୍ୟପକ୍ଷେ ମଣ୍ଡିରେ ଚାଷୀ ସମ୍ମାନ ପାଉନି। ମିଲରମାନେ ଖରାପ ବ୍ୟବହାର ଦେଖାଉଛନ୍ତି। ଏଣୁ ଚାଷୀ ଓ ଚାଷ ବଞ୍ଚିବା କଷ୍ଟକର ହୋଇ ପଡିଛି।

୧୯୭୫ ରେ ନୟାଗଡ଼ ଜିଲାର ଲୋକ ଲାଠି ଧରି ଜଙ୍ଗଲ ବଞ୍ଚାଇଥିଲେ। ଏଥିପାଇଁ ନୟାଗଡ଼ର ନାଁ ଇତିହାସରେ ରହିଛି। ଏଣୁ ସରକାର ଗାଁ ଲୋକଙ୍କ ହାତରେ ଜଙ୍ଗଲ ଦାୟିତ୍ୱ ଦେଇଥିଲେ। ଅପରପକ୍ଷେ ନାରୀଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ସରକାର ନାରୀଙ୍କୁ ନ୍ୟାୟ ଦେଇପାରୁ ନାହାନ୍ତି। ବେକାର ବଢ଼ି ଚାଲିଛି। ଠିକାରେ ଯୁବତୀଯୁବକଙ୍କୁ ଚାକିରି ଦିଆଯାଉଛି। ମହାତ୍ମାଗାନ୍ଧୀ ଦେଶ ସ୍ୱାଧୀନ କରିଥିଲେ। କଂଗ୍ରେସ ନ ଥିଲେ କିମ୍ବା ମହାତ୍ମା ନ ଥିଲେ ଦେଶ କ'ଣ ସ୍ୱାଧୀନ ହୋଇ ପାରିଥାନ୍ତା ବୋଲି ପ୍ରଶ୍ନ କରିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରମାଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ ସାଙ୍ଗକୁ ସରକାର ଗାଁଲୋକଙ୍କୁ କାମ ନ ମିଳିବାର ବ୍ୟବସ୍ଥା କରିବାରୁ ଦାଦନ ବଢ଼ିବ। ପୁଣି ଓଡ଼ିଶାର ଖଣିଖାଦାନରୁ ସରକାର ବହୁ କୋଟି ଟଙ୍କା ରୋଜଗାର କରୁଛନ୍ତି। ହେଲେ ଓଡ଼ିଶାର ବିକାଶ ନ ଥିବାରୁ ପଛୁଆ ହୋଇ ଚାଲିଛି। କଂଗ୍ରେସ ସରକାର ସମୟରେ ଓଡ଼ିଶା ବିଦ୍ୟୁତ୍ ବଳକା ରାଜ୍ୟ ଥିଲା। ସରକାର ଓ ଟାଟା ପାୱାର ଉଭୟଙ୍କ ସଲାସୁତରା ଯୋଗୁ ଖାଉଟିଙ୍କ ଉପରେ ଜୁଲମ ବଢ଼ିଛି। କମ୍ପାନୀ ପାଇଁ କମ ପଇସା, ଖାଉଟି ଓ ଗରୀବ ଲୋକଙ୍କୁ ଅଧିକ ୟୁନିଟ ପିଛା ନିଆଯାଉଛି। ସ୍ମାଟ ମିଟର ଓ ଅତିରିକ୍ତ ସିକ୍ୟୁରିଟ୍ ଡିପୋଜିଟ୍ ବାଧ୍ୟତାମୂଳକ କରି ଉପଭୋକ୍ତାଙ୍କୁ ଶୋଷଣ ଚାଲିଛି। ସ୍ମାଟ ମିଟରକୁ ବିରୋଧ କଲେ ବିଦ୍ୟୁତ୍ ସଂଯୋଗ କାଟିଦିଆଯାଉଛି। ପୁଣି ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଦେବେ କହି ଦେଲେ ନାହିଁ। ସରକାର ଲୋକଙ୍କ ଅପେକ୍ଷା ଶିଳ୍ପପତି ଓ ବ୍ୟବସାୟୀଙ୍କୁ ଅହେତୁକ ଅନୁକମ୍ପା ଦେଖାଉଛନ୍ତି।

ଓଡ଼ିଶାର ଚାଷୀ କାହିଁକି ମାଗଣାରେ ବିଦ୍ୟୁତ୍ ପାଇବ ନାହିଁ। ନୟାଗଡ଼ରେ ଯେହେତୁ ଜଳସେଚନ ବ୍ୟବସ୍ଥା ନାହିଁ ବୋରୱେଲ୍ କରି ମାଗଣା ବିଜୁଳି ଦେଲେ ଜିଲା ଶସ୍ୟ ଶ୍ୟାମଳା ହେବ। ପ୍ରତି ମାସରେ ଓଡ଼ିଶାରୁ କୋଇଲା ୨ ଲକ୍ଷ ୨ ମିଲିୟନ ବାହାରକୁ ଯାଉଛି। ଆମ କୋଇଲାରେ ଅନ୍ୟମାନେ ଲାଭ ପାଉଛନ୍ତି। କିନ୍ତୁ ଘୋର ଅନ୍ଧାକାରରେ ଓଡ଼ିଶା ଶାସନ ଚାଲିଛି। ଆପଣମାନେ ଚୁପ ହୋଇ କେତେଦିନ ସହିବେ। ସହଜରେ ନ୍ୟାୟ ମିଳିବ ନାହିଁ। ସରକାର ନ୍ୟାୟ ଦେଉ ନ ଥିବାରୁ ଲଢ଼େଇ କରିବା ଦରକାର। ଗାଁ ଗାଁରେ ଚାଷୀ, ଯୁବକ ଓ ଭୋଟର ସଜାଗ ହେବାକୁ ପଡିବ। ଲୋକଙ୍କୁ ଭୟମୁକ୍ତ କରିବା ପାଇଁ ସଚେତନ କରିବା ଦରକାର। ନୟାଗଡ଼ ଜିଲା ଜାଗିବ। ଭ୍ରଷ୍ଟାଚାର, ଦୁର୍ନୀତି ଅନ୍ୟାୟ ହଟିବା ପାଇ ଆନ୍ଦୋଳନ ଦରକାର ବୋଲି କହିଥିଲେ। ଜିଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କିଷାନ କଂଗ୍ରେସ ସଭାପତି ବସନ୍ତ କର, ବରିଷ୍ଠ ନେତା ହୁସେନ ଖାଁ, ସରୋଜ ପରିଡ଼ା, ସତ୍ୟବ୍ରତ ନାୟକ, ମନୋଜ ସାହୁ, ବିଭୂ ପ୍ରସାଦ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଶାନ୍ତ, ବୈଜୟନ୍ତୀ ବାଳା ମହାନ୍ତି, ଜିଲା ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ଜେଲ ଗଲେ ଉତ୍ତରପ୍ରଦେଶର ୪ ଗଞ୍ଜେଇ ବ୍ୟବସାୟୀ

ନୟାଗଡ଼,୧୨।୧(ଲୋକନାଥ ମିଶ୍ର)

ଇଟାମାଟି ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ଉତ୍ତରପ୍ରଦେଶର ୪ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହୋଇଛି । ପରେ ସିଭିଲି ଲାଇନ ପୋଲିସ ଚୌକର ରାଜାପୁର ଗାଁର ଅସିରୁଦ୍ଦିନ ଖାନ(୩୫), ଗାନ୍ଧୀଗ୍ରାମ ପୋଲିସ ଚୌକି ସୁଜତଗାଁର ଅଲ୍ଲୀ ଅନସାରୀ(୨୭), ୱାଦଲା ସଙ୍ଗମ ନଗର ପୋଲିସ ଚୌକ ୱାଦଲା ଅନ୍ତଫିଲ ଭାରତୀ କମଳା ନଗରର ମହମ୍ମଦ ସଲିମ ଖାନ(୫୦), ୧୫୩ ବଲରାମପୁର ଜିଲା ନାଉବସ୍ତମୁଦିଲା ଅର୍ଚ୍ଚନା ଗୋପାଲ ପାଶୱାନ(୩୪) ପ୍ରମୁଖ ୪ଜଣଙ୍କୁ ନୟାଗଡ଼ ଜିଲା ଜେଲ ଯିବାକୁ ପଡିଛ। ସୂଚନାଯୋଗ୍ୟ, ଇଟାମାଟି ବସ୍‌ଷ୍ଟାଣ୍ଡରୁ ୨୮କେଜି ୬୦୦ ଗ୍ରାମ ଗଞ୍ଜେଇ, ଦେଢ଼ ଲକ୍ଷ ଟଙ୍କା ୪ଟି ମୋବାଇଲ ଜବତ ହୋଇଥିଲା। ପୋଲିସ ଏନେଇ ନଂ.୧୨/୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ରବିବାର ଅଟକ ରଖିଥିଲା।

# ଖବରକାଗଜ ବିତରକଙ୍କୁ କମ୍ବଳ ବଣ୍ଟନ




କମ୍ବଳ ବଣ୍ଟନ କରାଯାଉଛି।

ନୟାଗଡ଼,୧୨।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ମହକୁମାରେ କାର୍ଯ୍ୟରତ ଖବର କାଗଜ ବିତରକମାନଙ୍କୁ ନୟାଗଡ଼ ପୁରୁଣା ସହରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖ ପ୍ରାଙ୍ଗଣରେ ସୋମବାର ଅପରାହ୍ନରେ କମ୍ବଳ ବଣ୍ଟନ କରାଯାଇଛି। ଜିଲା ସାମ୍ବାଦିକ ସଂଘ ଏବଂ ନୟାଗଡ଼ ରୋଟାରୀ କ୍ଲବ ଏକ୍ସିଲେନ୍ସିର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ହୋଇଛି। ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିତରକ ସଂଘ ସଭାପତି ଶ୍ରୀକାନ୍ତ ପଟ୍ଟନାୟକ ନେତୃତ୍ୱରେ କାର୍ଯ୍ୟରତ ୨୦ ଜଣ ଖବର କାଗଜ ବିତରକ ସାମିଲ ହୋଇ କମ୍ବଳ ଗ୍ରହଣ କରିଥିଲେ। ଜିଲା ସାମ୍ବାଦିକ ସଂଘ ପକ୍ଷରୁ ବରିଷ୍ଠ ସାମ୍ବାଦିକ ସୁବାସ ମହାପାତ୍ର, ପୁରୁଷୋତ୍ତମ ମହାପାତ୍ର, ଗୋକୁଳ ଷଡ଼ଙ୍ଗୀ, ବିକ୍ରମ ସ୍ୱାଇଁ, ଦୀପକ ଦାସ, ବିଭୂତି ପଟ୍ଟନାୟକଙ୍କ ସମେତ ରୋଟାରିଆନ ତଥା ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ଉପସ୍ଥିତ ଥିଲେ।

# 'ଗପରେ ଗପରେ ସ୍ୱାମୀ ବିବେକାନନ୍ଦ' ପୁସ୍ତକ ଉନ୍ମୋଚିତ

## ଗ୍ରୀନ୍ କ୍ଲବରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

ଶରଣକୁଳ, ୧୨।୧(ଦୀପକ କର)



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଶରଣକୁଳ ନିକଟ ହରିହରପୁର ଗ୍ରୀନକ୍ଲବ ଶିଶୁ ଉଦ୍ୟାନରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ଯୁବ ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ଗାଳ୍ପିକ ତଥା ସୁସାହିତ୍ୟିକ ଡ.ସୁରେଶ ଚନ୍ଦ୍ର ବରାଡ଼ଙ୍କ ଗପରେ ଗପରେ ସ୍ୱାମୀ ବିବେକାନନ୍ଦ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଉପଲକ୍ଷେ ଗ୍ରୀନ୍ କ୍ଲବ ସଭାପତି ବିଭୁ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଖବରଦାତା ସତ୍ୟନାରାୟଣ ମିଶ୍ର, ସମ୍ମାନିତ ଅତିଥି ସାରସ୍ୱତ ସାଧକ ଡ.ସୁରେଶ ଚନ୍ଦ୍ର ବରାଡ଼, କବି ନିରାକାର ସ୍ୱାଇଁ, କବି ଗୋଦାବରୀ ବସନ୍ତିଆ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱାମୀଜୀଙ୍କ ଫଟୋଚିତ୍ରରେ ଧୂପ ଓ ଦୀପ ଦେବା ପରେ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତି ବିଭୁପ୍ରସଦ ମିଶ୍ର, ସମ୍ପାଦକ କୁମର ବରାଡ, ସୌଦାଗର ନାୟକ ପ୍ରମୁଖ ସ୍ୱାମିଜୀଙ୍କ ଉପରେ ଅଭିଭାଷଣ ରଖିଥିଲେ। ଛାତ୍ରୀଛାତ୍ରମାନଙ୍କୁ ବିବେକାନନ୍ଦଙ୍କ ଜୀବନୀରୁ ବିଭିନ୍ନ ତଥ୍ୟ ଦେଇ ଭଲ ମଣିଷ ହେବାକୁ ଅତିଥିମାନେ ଉପଦେଶ ଦେଇଥିଲେ। ପରେ ସଭାପତି ବିଭୁପ୍ରସଦ ମିଶ୍ର, ସମ୍ପାଦକ କୁମର ବରାଡ ଓ ସୌଦାଗର ନାୟକ ପ୍ରମୁଖ ସ୍ୱାମିଜୀଙ୍କ ଉପରେ ଅଭିଭାଷଣ ରଖିଥିଲେ।

ଯୋଗଗୁରୁ ବୈକୁଣ୍ଠ ପ୍ରଧାନଙ୍କ ନିର୍ଦ୍ଦେଶନାରେ ସାମୁହିକ ଯୋଗ, ଧ୍ୟାନ ସହ ଶ୍ରୀ ହନୁମାନ ଚାଳିଶା ପଠନ କରାଯାଇଥିଲା। ପରେ ବିବେକାନନ୍ଦଙ୍କ ଉପରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ଏବଂ କୁଇଜ୍ ପ୍ରତିଯୋଗିତା କରାଯାଇ ଅତିଥିମାନଙ୍କ ଦାରା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଚାରକ ଭାବେ ନିରାକାର ସ୍ୱାଇଁ, ଗୋଦାବରୀ ବସନ୍ତିଆ, ଡ.ସୁରେଶ ଚନ୍ଦ୍ର ବରାଡ଼ ଓ ନୀଳମାଧବ ମିଶ୍ର ରହିଥିଲେ। ଏଥିରେ ଗ୍ରୀନକ୍ଲବର ସଦସ୍ୟ ଶିବ ଶଙ୍କର ମହାରଣା, ହିମାଂଶୁ ମହାନ୍ତି, ପ୍ରହ୍ଲାଦ ଜେନା, ପ୍ରସାଦ ବରାଡ଼, ଶିବରାମ ବେହେରା, କୁନା ବରାଡ଼, ବିନୋଦ ସ୍ୱାଇଁ, ସଦସ୍ୟା ପ୍ରଭାତୀ ସାହୁ, ଲକ୍ଷ୍ମୀ ମହାରଣା ଓ ଶାନ୍ତିଲତା ମହାରଣା ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଧାନମଣ୍ଡିରେ ଅଚଳାବସ୍ଥା, ପ୍ରଶାସନ ଦ୍ୱାରସ୍ଥ ଚାଷୀ

ଛତ୍ରପୁର,୧୨।୧(ଦିଲୀପ ସାମଲ)

ଧାନମଣ୍ଡିରେ ଅଚଳବସ୍ଥା ଲାଗି ରହିଛି। ମିଲର ଧାନ ନେଉନାହାନ୍ତି। ପୂର୍ବ ସରକାର ଅପେକ୍ଷା ଅଧିକ କଟନୀ ଛଟନୀ ହେଉଛି। ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଚାନ୍ଦୁଲି ପଞ୍ଚାୟତ ଖଣ୍ଡରା ଗ୍ରାମର ଶତାଧିକ ଚାଷୀ ଏଭଳି ଅଭିଯୋଗ ଆଣି ସୋମବାର ଛତ୍ରପୁର ଉପଜିଲାପାଳଙ୍କ ଦ୍ୱାରସ୍ତ ହୋଇଛନ୍ତି। ମିଲରମାନେ ଚାଷୀଙ୍କ ଉପରେ ଦାଉ ସାଧୁଛନ୍ତି। ବିନା କଟନୀ ଛଟନୀରେ ଧାନକ୍ରୟ ନିର୍ଦ୍ଦେଶ ରହିଥିବା ବେଳେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଝୋଟ ଅଖାରେ ଆଣିଲେ ୭ କେଜି ଏବଂ ଜରି ଅଖାରେ ଆଣିଲେ ୧୦ କେଜି ଧାନ ଅଧିକ ଦେବାକୁ କୁହାଯାଉଛି। ଏନେଇ ଚାଷୀମାନେ ହିଞ୍ଜିଳି ଏମଆଇଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲାନି ବୋଲି ଚାଷୀ ଅଭିଯୋଗ କରିଛନ୍ତି।

# ୬.୧୧ ଲକ୍ଷ ସାଇବର ଠକେଇ

ବ୍ରହ୍ମପୁର, ୧୨।୧ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଧର୍ମନଗରରେ ରହୁଥିବା ଜଣେ ୮୦ ବର୍ଷୀୟ ବରିଷ୍ଠ ନାଗରିକ ସାଇବର ଠକେଇର ଶିକାର ହୋଇଛନ୍ତି। ସାଇବର ଠକମାନେ ତାଙ୍କ ମୋବାଇଲକୁ ଏପିକେ ଫାଇଲ ପଠାଇ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୩ ଲକ୍ଷ ୪୪ ହଜାର ୫୦୦ ଟଙ୍କା ଠକି ନେଇଛନ୍ତି। ସେହିପରି ବ୍ରହ୍ମପୁର ନିମଖଣ୍ଡି ସତ୍ୟନଗରର ଜଣେ ୩୪ ବର୍ଷୀୟ ଯୁବକଙ୍କ ଅଜାଣତରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨ ଲକ୍ଷ ୬୭ ହଜାର ଟଙ୍କା ଠକେଇ ହୋଇଛି। ଏ ନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଛି।

# ସୁଭଦ୍ରା ଶକ୍ତି ମେଳା ଆରମ୍ଭ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ନୟାଗଡ଼,୧୨।୧(ଲୋକନାଥ ମିଶ୍ର)

ସୁଭଦ୍ରା ଶକ୍ତିମେଳା ନୟାଗଡ଼ ଷ୍ଟାଡିୟମରେ ସୋମବାରଠାରୁ ଆରମ୍ଭ ହୋଇଛି। ମେଳାକୁ ବାଚସ୍ପତି ଉଦ୍‌ଘାଟନ କରିବାର ରହିଥିଲେ ହେଁ ବିଳମ୍ବରେ ଆସିବାରୁ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ମେଳା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲାପାଳ ମଧୁମିତା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି, ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ଉପାଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର ଯୋଗ ଦେଇଥିଲେ। ମେଳାରେ ୧୫୦ ଷ୍ଟଲ ପଡିଥିଲେ ହେଁ ପ୍ରଚାର ଓ ପ୍ରସାର ଆଭବରୁ ଦର୍ଶକ ଗ୍ୟାଲେରୀ ଖାଁ ଖାଁ ପଡିଛି। ଓଡିଶୀ ନୃତ୍ୟ, ରକ୍‌ଷ୍ଟାର ହ୍ୟାନ୍ସ, ନଟରାଜ ଡ୍ୟାନ୍ସ ଆଦି କାର୍ଯ୍ୟକ୍ରମ ପରେ ବି ଷ୍ଟଲରେ ମଧ ଲୋକଙ୍କ ଭିଡ ନାହିଁ। ଅପରାହ୍ନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ମେଳା ଚାଲୁ ରହୁଛି।

# ୩ ମାସ ପରେ ହତ୍ୟା ମାମଲା ରୁଜୁ, ମ୍ୟାନେଜର ଗିରଫ

## ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ ଘଟଣା

ବ୍ରହ୍ମପୁର,୧୨।୧(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅନ୍ତର୍ଗତ ଲାଠୀ ମୁଖ୍ୟ ରାସ୍ତାରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ନିମଖଣ୍ଡି ଥାନା ଅନ୍ତର୍ଗତ ଖାରବେଳ ନଗର ୧ମ ଲାଇନର ଅଶୋକ କୁମାର ପାଣିଗ୍ରାହୀ (୩୦)ଙ୍କ ଗତ ଅକ୍ଟୋବର ୫ ତାରିଖରେ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ନଂ.୨୯/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତକଙ୍କ ସ୍ତ୍ରୀ ' ସ୍ମୃତିରେଖା ପାଣିଗ୍ରାହୀଙ୍କ ଅଭିଯୋଗ ଓ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ପୋଲିସ ୩ ମାସ ପରେ ନଂ.୧୬/୨୬ ରେ ହତ୍ୟା ମାମଲା ରୁଜୁ କରିଛି। ଏଥିସହ ଉକ୍ତ ନିଶା ନିବାରଣ କେନ୍ଦ୍ରର ମ୍ୟାନେଜର କାହ୍ନୁ ଚରଣ ବାଡ଼ତ୍ୟା(୨୬)ଙ୍କୁ ଗିରଫ କରିଛି। ପୋଲିସ ଏବେ ଘଟଣାର ତଦନ୍ତ ଜାରି ରଖିଛି ।

ସୂଚନାଯୋଗ୍ୟ, ଅଶୋକଙ୍କ ନିଶାପାନ ଅଭ୍ୟାସ ଦୂର କରିବା ପାଇଁ ତାଙ୍କୁ ଲାଠୀ ରାସ୍ତାରେ ଥିବା ନିଶା ନିବାରଣ କେନ୍ଦ୍ରକୁ ଗତ ଜୁଲାଇ ମାସରେ ରଖାଯାଇଥିଲା। ଉକ୍ତ କେନ୍ଦ୍ରର ମୁଖିଆଙ୍କ କହିବା ପ୍ରକାରେ ଅଶୋକଙ୍କ ପରିବାର ଲୋକେ ମାସକୁ ମାସ ଟଙ୍କା ଦେଉଥିଲେ। ଅକ୍ଟୋବର ୫ ସକାଳେ ଅଶୋକ ଛାତରୁ ଡେଇଁ ପଡିଥିବା ଉକ୍ତ କେନ୍ଦ୍ରରୁ ଫୋନ ଆସିଥିଲା। ଏମକେସିଜି ମେଡିକାଲରେ ପହଞ୍ଚି ଦେଖିବା ବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା । ଏଥିରେ ପରିବାର ଲୋକ ସନ୍ଦେହ କରି ସଦର ଥାନାରେ ଅଭିଯୋଗ କରିଥିଲେ।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର – 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ 31,08,600/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର ଷ୍ଟାଫ କ୍ୱାଟର୍ସ, ବରମୁଣ୍ଡା, ଭୁବନେଶ୍ୱର, ଓଡ଼ିଶାରେ ବ୍ଲକ ଜି, ଏଚ୍, ଆଇ, ଜେ, କେ, ଏଲ୍ (ଚତୁର୍ଥ ଶ୍ରେଣୀ) ର ବାହ୍ୟ ମରାମତି ଏବଂ ପୁନଃ ପେଣ୍ଟିଂ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 75 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ 28 ଜାନୁଆରୀ, 2026 ଅପରାହ୍ନ 02:00 ଟା ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ST-OT-HIRING-VEHICLE-532, ତା.06.01.2026ରିଖ

କାର୍ଯ୍ୟର ନାମ : 30 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସମ୍ପତ୍ତି(Asset)ଗୁଡ଼ିକର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ (En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ)/ବାଲୁଗାଁ, ସିନିୟର ସେକ୍ସନ ଇଂଜିନିୟର (ସଙ୍କେତ)/ବ୍ରହ୍ମପୁର ଅଧିନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ତଥା ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନରାତି ଚାଳକ ସହିତ TATA 207-DI କିମ୍ବା ଅନୁରୂପ ଦୁଇ ଗୋଟି ବହୁ ଉପଯୋଗିତା ବିଶିଷ୍ଟ ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା ।

ଟେଣ୍ଡର ମୂଲ୍ୟ : ₹ 35,40,000.00, EMD : ₹ 70,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-

ବିଡ୍ ଆରମ୍ଭ ହେବା ତାରିଖ : ତା.14.01.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.01.2026ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-993/Q/25-26



**MUNICIPAL OFFICE: KENDRAPARA**
ପୌରପାଳିକା କାର୍ଯ୍ୟାଳୟ: କେନ୍ଦ୍ରାପଡ଼ା
E-mail:kendraparamunicipality@gmail.com
Notice No.118/KM, Date:09.01.26
"e" Procurement Notice

No.C-2037: Bid documents consisting of work, Estimate Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Tender Reference No.EO_KM_03_2025-26.
2. Total No. of Work: 01 to 85 Nos.
3. Estimated Cost: Rs.2,05,380/- to Rs.1,26,94,989/-.
4. Period of Completion: 60 days to 120 days.
5. Date & Time of Bidding: Dt.19.01.26 at 11.00 AM to Dt.03.02.26 at 5.00 P.M.
6. Last Date & Time for receipt of bids in the portal: Dt.03.02.26 at 5.00 P.M.
7. Bids received Online shall be opened on: Dt.04.02.26 at 11.00 AM.
8. Name & Address of the Officer Inviting Bid: Executive Officer, Kendrapara Municipality.

Further details can be seen from the procurement portal i.e. www.tendersorissa.gov.in.
OIPR- Sd./- Executive Officer, Kendrapara Municipality



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସୂଚନା ପ୍ରଯୁକ୍ତି ବିଭାଗ
୧୪ତମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ
ଶହୀଦ ଭଗତ ସିଂ ମାର୍ଗ, ଫୋର୍ଟ, ମୁମ୍ବାଇ - ୪୦୦୦୦୧

**ପରିବେଶୀୟ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା ପରିବେଶୀୟ ମଞ୍ଜୁରୀ ଫାଇଲ୍ ସଂ. ୫୨୦୧୧୬/୭୭-ଇନ୍‌ଫ୍ରା୨/୦୧-୨୦୨୫, ତାରିଖ: ଜାନୁଆରୀ ୦୭, ୨୦୨୬ ଜରିଆରେ "ଇଡ଼କୋ ପ୍ଲଟ୍ ନଂ. ଏସ୍‌୫-ଏଚ୍-୦୫, ଇଏମସି ପାର୍କ, ଇନଫୋଭ୍ୟାଲି II, ଯାଆଁଳା, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା ରେ ୧୮.୫୫ ଏକର କ୍ଷେତ୍ରରେ ଆରବିଆଇ ଗ୍ରୀନଫିଲ୍ଡ ଡାଟା ସେଣ୍ଟର ଏବଂ ଉଦ୍ୟୋଗସ୍ତରୀୟ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ" ପରିବେଶୀୟ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

**ଉପରୋକ୍ତ ପରିବେଶୀୟ ମଞ୍ଜୁରୀ ପତ୍ରର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାରେ ଉପଲବ୍ଧ ଏବଂ ତାହାକୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC)ର ପରିବେଶ ପୋର୍ଟାଲ୍ ୱେବସାଇଟ୍ (www.parivesh.nic.in) ରେ ମଧ ଦେଖାଯାଇପାରିବ ।**

ସ୍ଥାନ: ମୁମ୍ବାଇ — ପ୍ରଭାରୀ ମୁଖ୍ୟ ମହାପ୍ରବନ୍ଧକ



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KESINGA**
E_mail:eerwkesinga@yahoo.com
e-Procurement Notice
BID IDENTIFICATION NO.RWKSNG-online-08/25-26

No.O-2027:1. Name of Works: Building works & Road Works (As per annexure). 2. Total No. of Work: 18 Nos. 3. Estimated Cost: Rs.1.46 Lakhs to Rs.34.11 lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: 'D' 'C' & 'B' Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online-09/ 25-26 | 13.01.2026 at 11.00 A.M. | 21.01.2026 upto 17.00 P.M. | 19.01.2026 upto 11.00 A.M. | 22.01.2026 at 11.00 A.M. |

Further details can be seen from the Website i.e. www.tenderodisha.gov.in
OIPR- Sd./- Superintending Engineer, Rural Works Division, Kesinga



**GOVERNMENT OF ODISHA**
**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI, RAGHUNATHPUR**
'e' mail ID: ori-raghunathpur@nic.in
No.i-470
'e' Procurement Notice No. BDO-RPS-02 of 2025-26

| | | |
|---|---|---|
| 1 | Number of the Work | 02 (Two) Nos. |
| 2 | Tender Amount (Approx.) | Rs.23.43 Lakh (Each) |
| 3 | EMD (Online) | Rs.23,500.00 |
| 4 | Tender Paper Cost (Online) (Non-Refundable) | Rs.6,000.00 |
| 5 | Class of Contractor | "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Date & Time of Opening of BID | Place of Opening of Bid |
|---|---|---|---|---|---|---|
| | | From | To | | | |
| Block Development Officer, Raghunathpur | BDO-RPS-02/2025-26 | 13.01.2026 at 10.00 Hours | 28.01.2026 at 17.30 Hours | 22.01.2026 upto 1.00 P.M. during office hours on working days | 29.01.2026 upto 11.00 AM during office hours | O/o the Panchayat Samiti, Raghunathpur |

Further details can be seen from the Govt. website "https://tendersodisha.gov.in"
All corrigendum/ cancellation of tender if any, will only be uploaded in the above website.
OIPR- Sd./- BLOCK DEVELOPMENT OFFICER, RAGHUNATHPUR



**DISTRICT PROJECT OFFICE, RTE-SS, JAGATSINGHPUR**
Notice No. 54/2026 Date : 09.01.2026
NOTICE INVITING TENDER (NIT)
**Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026**

Sealed tenders are invited from the reputed & credible printers/ firms / agencies having up to date DIC, TAN/PAN, GST registration certificate for Printing & Supply of Question cum Answer Sheets, Answer Keys, Oral Questions for Summative Assessment -II (SA-II) for Classes-I to IV and VI, VII and Annual Examination for Classes-V& VIII 2026 in respect of all Govt. & Govt. Aided (Primary and Upper Primary schools) of Jagatsinghpur District.

The details are also available in NIC website i.e www.jagatsinghpur.nic.in/http://jagatsinghpur.odisha.gov.in & www.opepa.in.

By Order of Collector-cum-Chairperson, SS, Jagatsinghpur
Sd./- DEO-cum-DPC
SS, Jagatsinghpur

## ଅରେଇ ଧାନମଣ୍ଡି ଉଦ୍‌ଘାଟିତ

ବିଞ୍ଝାରପୁର, (ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଅରେଇ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) କାର୍ଯ୍ୟାଳୟ ପରିସରରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପାକ୍ସର ସଭାପତି ହେମେନ୍ଦ୍ର ସାମଲ ଫିତା କାଟି ଉଦ୍‌ଘାଟନ କରିଥିଲେ। ବାଞ୍ଛାମାନେ ଧାନମଣ୍ଡି ଖୋଲିବାକୁ ନେଇ ଖୁସି ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନଙ୍କୁ ତୁରନ୍ତ ଧାନ ଉଠାଇବାକୁ ଦାବି ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶାସନ ସରପଞ୍ଚ କାନନଦେବ ଧଳ, ପାକ୍ସର ସମ୍ପାଦକ ପ୍ରମୁଖ ବାରିକ, ଶ୍ୟାମସୁନ୍ଦର ନାୟକ, ଅମିୟ ନାୟକ, ନିମାଇଁ ପରିଡ଼ା, ସନ୍ତୋଷ ଦାସ, ସନତ ସାମଲଙ୍କ ସମେତ ଅରେଇ, ଶାସନ ପଞ୍ଚାୟତର ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ମଜୁରି ଦାବିରେ ଥାନା ଘେରିଲେ ଶ୍ରମିକ

ଦଶରଥପୁର, ୧୨।୧ (ସୁଶାନ୍ତ କୁମାର ବେହୁରିଆ): ଦଶରଥପୁର ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରେ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଅଞ୍ଚଳରୁ ଶ୍ରମିକମାନେ ଆସି ଧାଡ଼ି ରୁଆ ଧାନ ଚାଷ କାର୍ଯ୍ୟ କରୁଥିଲେ। କାର୍ଯ୍ୟରେ ନିୟୋଜିତ କରିଥିବା ଠିକାଦାର ସେମାନଙ୍କ ମଜୁରି ନ ଦେବା ପ୍ରତିବାଦରେ ଶ୍ରମିକମାନେ ସୋମବାର ସନ୍ଧ୍ୟାରେ ମଙ୍ଗଳପୁର ଥାନା ଘେରିଥିଲେ। ଏ ନେଇ ଥାନାରେ ଶ୍ରମିକମାନେ ସେମାନଙ୍କୁ କାର୍ଯ୍ୟରେ ନିୟୋଜନ କରିଥିବା ଠିକାଦାରଙ୍କ ନାମରେ ଲିଖିତ ଏତଲା ଦାଏର କରିଛନ୍ତି। କାର୍ଯ୍ୟ କରିବା ସମୟରେ ସମ୍ପୃକ୍ତ ଠିକାଦାର ସେମାନଙ୍କୁ ଠିକ୍ ଭାବେ ଖାଇବାକୁ ନ ଦେବା ସହ ମାନସିକ ନିର୍ଯାତନା ଦେଇଥିଲେ। ତେଣୁ ସେମାନଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ମେଗା ଆଧାର କ୍ୟାମ୍ପ

ପାଣିକୋଇଲି, ୧୨।୧ (ବିକାଶ ଚନ୍ଦ୍ର ମଲ୍ଲିକ) : ପିଏମ୍‌ଶ୍ରୀ ପାଣିକୋଇଲି ସରକରୀ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ଯାଜପୁର ଡାକ ଉପଖଣ୍ଡ (ଯାଜପୁର ପୋଷ୍ଟାଲ ଡିଭିଜନ) ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ଆଧାର ପଞ୍ଜୀକରଣ ଏବଂ ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆ ଆଧାର କାର୍ଡ, ବାଧ୍ୟତାମୂଳକ ବାୟୋମେଟ୍ରିକ ଅପଡେଟ ମାଗଣାରେ କରାଯାଉଥିବା ବେଳେ ଡେମୋଗ୍ରାଫିକ ଅପ୍‌ଡେଟ (ନାମ, ଠିକଣା, ଜନ୍ମ ତାରିଖ, ମୋବାଇଲ ନମ୍ବର ଇତ୍ୟାଦି) ସଂଶୋଧନ ପାଇଁ ୭୫ ଟଙ୍କା ଓ ବାଇଓମେଟ୍ରିକ ଅପ୍‌ଡେଟ ପାଇଁ ୧୨୫ଟଙ୍କା ଦେୟ ପଡୁଥିଲା। ଏଥିରେ ଡାକ ବିଭାଗର ଯାଜପୁରରୋଡ୍ ସବ୍‌ଡିଭିଜନ ଓଭରସିୟର ଶିବ ପ୍ରସାଦ ପରିଡ଼ା, ଯାଜପୁର ମୁଖ୍ୟାଳୟର ଏମ୍‌ଟିଏସ ସୌମ୍ୟ ରଞ୍ଜନ ପଣ୍ଡା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୧୭ ଛାତ୍ରୀଛାତ୍ରଙ୍କ ଆଧାର ସଂଶୋଧନ କରିଥିଲେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ନାୟକ କହିଛନ୍ତି।

## ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଶୋଭାଯାତ୍ରା

ଯାଜପୁର ଟାଉନ, ୧୨।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ଜିଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ସୋମବାର ସ୍ୱାମୀ ବିବେକାନନ୍ଦଙ୍କ ସ୍ୱନକ୍ଷତ୍ର ରାଷ୍ଟ୍ରୀୟ ଦିବସ ଉପଲକ୍ଷେ ନିଶା ମୁକ୍ତ ଭାରତ ଗଠନର ସନ୍ଦେଶ ବହନ କରି ଜିଲା ଦୌରାଜଜ୍ ସବୁଜ ପତାକା ପ୍ରଦର୍ଶନ ପରେ ବିଚାରାଳୟ ପରିସରରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକସୋ ଜଜ୍ ଅଭିଜିତ୍ ପଲେଇ, ଅତିରିକ୍ତ ଦୌରାଜଜ୍ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ, ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧୁରୀ, ଅତିରିକ୍ତ ଦେୱାନୀ ବିଚାରପତି ନେହା ଅଗ୍ରୱାଲ, ବରିଷ୍ଠ ସିଭିଲ୍ ଜଜ୍ ଏଲ୍‌ଆର ଆଣ୍ଡ ଏଲ୍‌ସିସି ଲୋପାମୁଦ୍ରା ବେହେରା ଓ ସିଭିଲ୍ ଜଜ୍ ସୁନୀତା ବିଶ୍ୱାଳ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାଧିକରଣର କର୍ମଚାରୀମାନେ ଶୋଭାଯାତ୍ରା ଆୟୋଜନରେ ସହଯୋଗ କରିଥିଲେ। ବିଚାରାଳୟଗୁଡ଼ିକର ସମସ୍ତ କର୍ମଚାରୀ ହାତରେ ସଚେତନତା ବାର୍ତ୍ତା ଓ ବ୍ୟାନର ଧରିଥିଲେ। ରାସ୍ତାର ଉଭୟପାର୍ଶ୍ୱରେ ଜନସାଧାରଣ ଶୋଭାଯାତ୍ରା ପ୍ରତି ଆକର୍ଷିତ ହୋଇଥିବା ଦୃଷ୍ଟି ଗୋଚର ହୋଇଥିଲା।

# ବୁଦ୍ଧଂ ଶରଣଂ ଗଚ୍ଛାମି ମନ୍ତ୍ରରେ ଉଦୟଗିରି ପ୍ରକମ୍ପିତ

ଚଣ୍ଡିଖୋଲ, ୧୨।୧ (ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲାର ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିଠାରେ ଆୟୋଜିତ ହୋଇଛି ଗୁରୁ ପଦ୍ମ ସମ୍ଭବ ସମାବେଶ। ଲାଇଟ ଅଫ୍ ବୁଦ୍ଧ ଫାଉଣ୍ଡେଶନ ଇଣ୍ଟରନ୍ୟାଶନାଲ ପକ୍ଷରୁ ଓ ରାଜ୍ୟ ସରକାରଙ୍କ ସଂସ୍କୃତି ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ୧୭ ଦେଶରୁ ୧୮୭୭ ଜଣ ଯୋଗଦେଇଛନ୍ତି। ରବିବାର ଏହାର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେଇଥିଲାବେଳେ ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଗୁରୁ ପଦ୍ମ ସମ୍ଭବ ଦ୍ୱିତୀୟ ସମାବେଶରେ ଚଳିତବର୍ଷ ୧୭୫୮ ଜଣ ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବେଳେ ବିଦେଶରୁ ୧୧୯ ଜଣ ଆସିଥିବା ସୂଚନା ମିଳିଛି। ଉଦୟଗିରିସ୍ଥିତ ବୌଦ୍ଧପୀଠ ପରିସରରେ ପ୍ରାର୍ଥନା ସଭା ଆୟୋଜନ କରାଯାଇଛି। ଦିନତମାମ ସୋମବାର ପ୍ରାର୍ଥନା କରାଯାଇଥିଲା। ବୁଦ୍ଧଂ ଶରଣଂ ଗଚ୍ଛାମି ମନ୍ତ୍ରରେ ଉଦୟଗିରି ପ୍ରକମ୍ପିତ ହୋଇଛି।



ଉଦୟଗିରିଠାରେ ବୌଦ୍ଧ ଧର୍ମାବଲମ୍ବୀମାନେ ମନ୍ତ୍ର ପାଠ କରୁଛନ୍ତି।

ଗୁରୁ ରିନପୋଚେ ସମସ୍ତଙ୍କୁ ମନ୍ତ୍ର ପାଠ କରାଇଥିଲେ। ସେହି ମନ୍ତ୍ର ଧ୍ୱନିରେ ଏକ ସଙ୍ଗେ ସମସ୍ତେ ପାଠ କରୁଥିବା ଦେଖାଦେଇଥିଲା। ସକାଳ ୯ ଟାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ଓ ପରେ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ଧର୍ମଗ୍ରନ୍ଥ ପାଠ କରାଯାଇଥିଲା। ଏହାକୁ ଦେଖିବା ଲାଗି ହଜାର ହଜାର ସଂଖ୍ୟାରେ ବିଭିନ୍ନ ଅଞ୍ଚଳର ଲୋକମାନେ ଆସି ପହଞ୍ଚିଥିଲେ।

## ୩୮ ଅଭିଯୋଗରୁ ୨୦ର ତତ୍କାଳ ସମାଧାନ

ଯାଜପୁରରୋଡ଼, ୧୨।୧ (ପବିତ୍ର ରଞ୍ଜନ ମହାନ୍ତି): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଏସ୍‌ଆରଗଡ଼ିରୁ କେନ୍ଦ୍ରିଲ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଅଭିଯୋଗ ସବୁର ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କ ଯଥା ସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ୩୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୦, ଗୋଷ୍ଠୀଗତ ସମସ୍ୟା ୨, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ୧୬ ଅଭିଯୋଗର ଶୁଣାଣି କରାଯାଇଥିଲା। ୨୦ ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ଶିବିରରେ ଏସ୍‌ପି ଯଶପ୍ରତାପ ଶ୍ରୀମାଲ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଯାଜପୁର ଉପ ଜିଲାପାଳ ତାପସ ରଞ୍ଜନ ବେହୁରା, ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା, ଜିଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।



ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

# ଏନ.ସି. କଲେଜରେ ବନ୍ଦେ ମାତରମ୍ ଗାନ



କଲେଜରେ ବନ୍ଦେ ମାତରମ୍ ଗାନରେ ଉପସ୍ଥିତ ଅତିଥିମାନେ।

ଯାଜପୁର ଟାଉନ/ଯାଜପୁର ସଦର, ୧୨।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି/ ସମର ବିଜୟ ଶରଣ) :

ଯାଜପୁର ଜିଲା ପ୍ରଶାସନ ଓ ସଂସ୍କୃତିବିଭାଗ ପକ୍ଷରୁ ଜିଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରେ ସାମୂହିକ ବନ୍ଦେ ମାତରମ୍ ଗାନ ସୋମବାର କରାଯାଇଛି। ଏହିକ୍ରମରେ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ସ୍ଥାନୀୟ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତିପାଳନ ଉଦ୍ଦେଶ୍ୟରେ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିର ମୁଖ୍ୟ ଅତିଥି ଭାବେ ଜିଲାପାଳ ଅମ୍ବର କୁମାର କର ଯୋଗଦେଇଥିଲେ। ସ୍ୱାଗତ ଅଭିଭାଷଣ ପରେ ପୂର୍ବାହ୍ନ ୧୧ ଟାରେ ସାମୂହିକ ବନ୍ଦେ ମାତରମ୍ ଗାନ ସହ ସ୍ୱଦେଶୀ ସଂକଳ୍ପ ପତ୍ର ପାଠ କରାଯାଇଥିଲା। ଜିଲାପାଳ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ବଙ୍ଗ ବିଭାଜନ ବେଳେ ବନ୍ଦେ ମାତରମ୍ ଗାନ କିଭଳି ଦେଶାତ୍ମବୋଧ ମନୋଭାବ ଜାଗ୍ରତ କରିଥିଲା, ସେ ସମ୍ପର୍କରେ ବୁଝାଇଥିଲେ। ରାଷ୍ଟ୍ରପ୍ରେମ ବିନା ଏହା ସମ୍ଭବ ନୁହେଁ, ସ୍ୱଦେଶୀ ଜୀବନ ଶୈଳୀ ଆପଣାଇବା ସହ ଦେଶ ସେବାକୁ ନିଜ ଜୀବନର ମନ୍ତ୍ର କରି ରାଷ୍ଟ୍ର ନିର୍ମାଣରେ ଛାତ୍ରୀଛାତ୍ର ଭାଗୀଦାରି ହୁଅନ୍ତୁ। ଏହାସହ ଯୁବପିଢ଼ିଙ୍କୁ ସମୟର ସଦୁପଯୋଗ କରି ଜିଲାପାଳ କର କହିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍.ସି. ମହାବିଦ୍ୟାଳୟର ଅଧକ୍ଷ ରଞ୍ଜନ କୁମାର ବେହେରା, ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଯାଜପୁର ବିଡିଓ ହେମନ୍ତ କୁମାର ମହନ୍ତ, ଏନ୍.ସି. କଲେଜର ଅଧାପିକାଅଧାପକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଓଡ଼ିଆ ଅଧାପକ ବିନାଦ କୁମାର ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରସାୟନ ବିଜ୍ଞାନ ପ୍ରଫେସର ଦିବ୍ୟଲୋଚନ ସିଂ ଧନ୍ୟବାଦ ଦେଇଥିଲେ।


**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଢେଙ୍କାନାଳ ମୁଖ୍ୟ ଶାଖା
ମୀନା ବଜାର, ଜଗନ୍ନାଥ ରୋଡ୍, ସା/ପୋ./ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, ଇମେଲ୍ : ubin0554057@unionbankofindia.bank

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ବାବୁଲି ବେହେରା, ପିତା: ଶ୍ରୀ ସୁର ବେହେରା, ୨) ଶ୍ରୀମତୀ କଳ୍ପନା ବେହେରା, ସ୍ୱାମୀ: ଶ୍ରୀ ବାବୁଲି ବେହେରା, ଉଭୟଙ୍କ ଠିକଣା- ସା: ଚାଇଁପୁର ପଟଣା, ପୋ: ଗଦାଶିଳା, ଢେଙ୍କାନାଳ ସଦର, ପିନ୍ - ୭୫୯୦୨୫ | ୩୦.୦୯.୨୦୨୫ ସୁଦ୍ଧା ଟ.୪,୭୪,୬୫୧.୮୩ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୧୪.୦୨.୨୦୨୩ / ୦୭.୦୧.୨୦୨୬ | ଶ୍ରୀ ବାବୁଲି ବେହେରା, ପିତା: ଶ୍ରୀ ସୁର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୧/୨୪୯, ମ୍ୟୁଟେସନ୍ ଖାତା ନଂ.: ୨୦/୭୦, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ଚାଇଁପୁର ପଟଣା, ତହସିଲ: ଢେଙ୍କାନାଳ ସଦର, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦିବାକର ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୮, ପଶ୍ଚିମ: ରାସ୍ତା |

ସ୍ଥାନ: ଢେଙ୍କାନାଳ, ତାରିଖ: ୧୨.୦୧.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# ପାଲଟପୁର ପଞ୍ଚାୟତରୁ ଜଳ ନମୁନା ସଂଗ୍ରହ

ଦଶରଥପୁର, ୧୨।୧ (ସୁଶାନ୍ତ କୁମାର ବେହୁରିଆ)

### କିଡନୀ ରୋଗରେ ଶତାଧିକ ମୃତ୍ୟୁ ଘଟଣା



ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତରେ ଗତ ୧୦ବର୍ଷ ମଧ୍ୟରେ କ୍ୟାନ୍ସର ଏବଂ କିଡନୀ ରୋଗରେ ଶତାଧିକ ଲୋଙ୍କ ପ୍ରାଣ ଯାଇଛି। ବର୍ତ୍ତମାନ ୮ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଯାଜପୁର ଜିଲା ଏବଂ ରାଜ୍ୟ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ରବିବାର, ସୋମବାର ରାଜ୍ୟ ଏବଂ ଜିଲା ପାନୀୟ ଜଳ ବିଭାଗ ପକ୍ଷରୁ ପାଲଟପୁର ପଞ୍ଚାୟତରେ ପାଣିର ନମୁନା ସଂଗ୍ରହ କରାଯାଇଛି। ପଞ୍ଚାୟତର ପ୍ରତି ୱାର୍ଡରୁ ୨୦ରୁ ୨୫ ଟି ସରକାରୀ ଏବଂ ବେସରକାରୀ ନଳକୂପର ପାଣିକୁ ବୋତଲ ମାଧ୍ୟମରେ ସଂଗ୍ରହ କରାଯାଉଥିବା ଦେଖିବାକୁ ମିଳିଛି। ୧୨ ଟି ୱାର୍ଡର ପ୍ରାୟ ୨୫୦ରୁ ଅଧିକ ନଳକୂପ ପାଣିର ନମୁନା ସଂଗ୍ରହ କରାଯିବାକୁ ଥିବାବେଳେ ୨ ଦିନ ମଧ୍ୟରେ ପାଲଟପୁର, ନୀଳକଣ୍ଠପୁର, ବିଦ୍ୟାନନ୍ଦିପୁର, କମାରସାହିରୁ ୧୫୬ଟି ନମୁନା ସଂଗ୍ରହ କରାଯାଇଛି। ପାଣିରେ ସମସ୍ତ ପ୍ରକାର ମାନ ପରୀକ୍ଷା କରାଯିବା ପରେ ପାଣି ପାଇଁ କ'ଣ ସମସ୍ୟା ସୃଷ୍ଟି ହେଉଛି ତାହା ଜଣାପଡିବ ବୋଲି ସୂଚନା ଦେଇଛନ୍ତି। ଏହା କେଉଁ କାରଣ ପାଇଁ ଏହି ପଞ୍ଚାୟତରେ ଏତେ ପରିମାଣରେ କ୍ୟାନ୍ସର ଓ କିଡନୀ ରୋଗ ହେଉଛି କିମ୍ବା ଅନ୍ୟ କାରଣ ପାଇଁ ରୋଗ ବଢୁଛି ପ୍ରଶାସନକୁ ରିପୋର୍ଟ ଦିଆଯିବ। ପାନୀୟ ଜଳ ମାନ ପରୀକ୍ଷା ପାଇଁ ନମୁନା ସଂଗ୍ରହ ରାଜ୍ୟ ପାନୀୟ ଜଳ ଯୋଗାଣ ବିଭାଗର ଚିଫ ଅନାନଲିସି ନରେନ୍ଦ୍ର କୁମାର ପଣ୍ଡା, ବ୍ରଜକିଶୋର ରାଉତ, ଅବନୀ ବରାଳ, ପ୍ରଶାନ୍ତ କୁମାର ବିଶ୍ୱାଳ, ଜିଲା ଲାବ୍ରୋଟାରି ପକ୍ଷରୁ ଆସିଷ୍ଟାଣ୍ଡ ଲାବ୍ରୋଟାରିୟାନ ଦିଲୀପ କୁମାର ବିଶ୍ୱାଳ, ସାମସର ଅଲ୍ଲୀ ଖାନ, ବିଭାଗୀୟ ଜେଇ ସ୍ୱର୍ଣ୍ଣଲତା ରାଉତ, ସରପଞ୍ଚ ଲିପିକା ମଲିକ, ଚନ୍ଦ୍ର ଶେଖର ସାହୁ ପ୍ରମୁଖ ଗାଁକୁ ଗାଁ ବୁଲି ଜଳ ନମୁନା ସଂଗ୍ରହ କରିଥିଲେ।


**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank, ମୋ.: ୮୯୨୮୯୧୭୪୧୧

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ ନେଇ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା୨୮.୦୧.୨୦୨୬ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ବାମିନିପାଳ ଶାଖା, ଜିଲ୍ଲା: କେନ୍ଦୁଝର, ଫୋନ୍ ନଂ.: ୭୯୭୯୦୬୪୯୧୦, ଇମେଲ: ubin0807541@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ଶ୍ରୀମତୀ କଳ୍ପନା ସାହୁ, ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତ, ସା: ମଝିପାଳ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ / ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରାଜେନ୍ଦ୍ର କୁମାର ପଲେଇ, ପିତା: ଜଟେଶ୍ୱର ପଲେଇ, ସା/ଗ୍ରାମ: କଳବଗପାଟିଆ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ | ୧୨.୦୧.୨୦୨୬ ସୁଦ୍ଧା ଟ.୭,୪୮,୮୮୪.୧୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୧: ଶ୍ରୀମତୀ କଳ୍ପନା ସାହୁ, ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୧/୪, ପ୍ଲଟ୍ ନଂ.:୨୬୪, କ୍ଷେତ୍ର: ଏକର୦.୩୯ଡିସିମିଲି, କିସମ: ଘରବାରି, ମୌଜା: ମଝିପାଳ, ତହସିଲ: ଦାନଗଦି, ଥାନା: ଟମକା, ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: କୁଳମଣି ରାଉତ, ପଶ୍ଚିମ: ନଦୀ ବନ୍ଧ, ଉତ୍ତର: ରଙ୍କନାଥ ସାହୁ, ଦକ୍ଷିଣ: ଅନାବାଦୀ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୭,୧୧,୨୨୦.୫୦ / ଅମାନତ ଜମା ରାଶି: ଟ.୭୧,୧୨୨.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦

**ଭଦ୍ରକ ମୁଖ୍ୟ ଶାଖା, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୬୮୪୯୧୪୪୫୩, ଇମେଲ: ubin0538591@unionbankofindia.bank**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ମେସର୍ସ ମେଟାଲ ମ୍ୟାନେଜମେଣ୍ଟ ସଲ୍ୟୁସନ୍ ପ୍ରା. ଲିଃ., ସ୍ପେସ୍-ଏ, ପ୍ରଥମ ମହଲା, ବ୍ଲକ୍ ନଂ.-ଏ, କ୍ରିଷ୍ଣା ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର, ପିନ୍-୭୫୧୦୧୨ / ଜାମିନ୍‌ଦାରମାନେ: ୧) ଶ୍ରୀ ନିର୍ମଳ କୁମାର ଝା, ଫ୍ଲାଟ୍ ନଂ.: ଏ୯, ୩ୟ ମହଲା, ଲର୍ଡ ଗୁଞ୍ଜନ ପ୍ୟାଲେସ୍, ବମିଖାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୧, ୨) ଶ୍ରୀମତୀ ଉର୍ମିଳା ପରିଡା, ସ୍ୱାମୀ: ବଟକୃଷ୍ଣ ପରିଡା, ୱାର୍ଡ ନଂ.: ୨୨, କଟକ ମ୍ୟୁନିସିପାଲିଟି କର୍ପୋରେସନ୍, ସାମନ୍ତ ସାହି, ମଙ୍ଗଳାବାଗ, ପୋ: ବକ୍ସିବଜାର, ଜିଲ୍ଲା: କଟକ-୭୫୩୦୦୧, ୩) ଶ୍ରୀ ବିଜୟ କୁମାର ଶତପଥି, ପିତା: ମହେଶ୍ୱର ଶତପଥି, ୪) ଶ୍ରୀ ଜୟକୃଷ୍ଣ ଶତପଥି, ପିତା: ମହେଶ୍ୱର ଶତପଥି, ଉଭୟଙ୍କ ଠିକଣା- ସା: ସ୍ପେସ୍-ଏ, ପ୍ରଥମ ମହଲା, ବ୍ଲକ୍ ନଂ.: ଏ, କ୍ରିଷ୍ଣା ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ | ୧୨.୦୧.୨୦୨୬ ସୁଦ୍ଧା ଟ.୮,୦୩,୪୨୮.୯୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୨: ଉର୍ମିଳା ପରିଡାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୩, କ୍ଷେତ୍ର: ଏକର୦.୦୨୭ଡିସିମିଲି ଏବଂ ପ୍ଲଟ୍ ନଂ.: ୧୨୪, କ୍ଷେତ୍ର: ଏକର୦.୨୨୧ଡିସିମିଲି ରୁ ଏକର୦.୦୯୭ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୨୪୮ଡିସିମିଲିରୁ ଏକର୦.୧୨୪ଡିସିମିଲି, ଖାତା ନଂ.: ୪୫, ଅନୁରୂପ ସାବକ ପ୍ଲଟ୍ ନଂ.: ୨୭୨ ଏବଂ ଖାତା ନଂ.: ୮୪, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୩୧, ଲକ୍ଷ୍ମୀସାଗର, ଥାନା: ନିୟୁ କ୍ୟାପିଟାଲ, ଥାନା ନଂ.: ୪୮, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଅର୍ଜୁନ ଗରାବଡୁ, ଦକ୍ଷିଣ: ଗୋପାଳ ଚନ୍ଦ୍ର ପଟ୍ଟନାୟକ, ପୂର୍ବ: ଦଇ ସାହୁ, ପଶ୍ଚିମ: ମୁଖ୍ୟ ରାସ୍ତା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧,୬୫,୨୮,୫୯୦/- / ଅମାନତ ଜମା: ଟ.୧୬,୫୨,୮୫୯/- / ବିଡ୍ ବୃଦ୍ଧି ରାଶି: ଟ.୧,୬୫,୨୮୬/-

**ଯାଜପୁର ରୋଡ୍ ମୁଖ୍ୟ ଶାଖା, ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୮୧୨୫୬୬୪୪୪୫, ଇମେଲ: ubin0802751@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ଶ୍ରୀ ଅଭୟ କୁମାର ପରିଡା, ପିତା: ୰ ନୃସିଂହ ଚରଣ ପରିଡା, ସା/ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫/ ସହ-ଆବେଦନକାରୀ ଏବଂ ଜାମିନ୍‌ଦାରମାନେ: ୧) ଶ୍ରୀମତୀ ବିକାସିନୀ ପରିଡା, ସ୍ୱାମୀ: ଅଭୟ କୁମାର ପରିଡା, ସା/ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫, ୨) ଶ୍ରୀ କେଶବ ଚନ୍ଦ୍ର ସାହୁ, ପିତା: ଭଗବାନ ସାହୁ, ସା: ତାରାକୋଟ, ପୋ: ବରୁଣ୍ଡେଇ, ଥାନା: କୋରେଇ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫ | ୧୨.୦୧.୨୦୨୬ ସୁଦ୍ଧା ଟ.୧୧,୧୭,୯୮୧.୦୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

ସମ୍ପତ୍ତିର ନଂ.-୩: ଶ୍ରୀ ଅଭୟ କୁମାର ପରିଡା, ପିତା: ୰ ନୃସିଂହ ଚରଣ ପରିଡାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୩୧, ପ୍ଲଟ୍ ନଂ.: ୫୮୦/୧୧୬୪, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି, ଅନୁରୂପ ସାବକ ଖାତା (୧) ଖାତା ନଂ.: ୫୯, ପ୍ଲଟ୍ ନଂ.: ୧୦୬(ଅଂଶ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, (୨) ଖାତା ନଂ.: ୬, ପ୍ଲଟ୍ ନଂ.: ୧୦୫(ଅଂଶ), କ୍ଷେତ୍ର: ଏକର୦.୦୦୬ ଡିସିମିଲି, (୩) ଖାତା ନଂ.: ୫୯, ପ୍ଲଟ୍ ନଂ.: ୧୦୬(ଅଂଶ), କ୍ଷେତ୍ର: ଏକର୦.୦୨୮ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୭୦ ଡିସିମିଲି, ମୌଜା: ତୋଲିପୁର, ତହସିଲ: ବ୍ୟାସନଗର, ଥାନା: କୋରେଇ, ଥାନା ନଂ. ୪୩୬, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ପ୍ରହଲ୍ଲାଦ ପରିଡା, ଉତ୍ତର: ପ୍ରହଲ୍ଲାଦ ପରିଡା, ଦକ୍ଷିଣ: ନୃସିଂହ ଚରଣ ପରିଡା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୬୩,୧୫,୮୪୦/- / ଅମାନତ ଜମା: ଟ.୬,୩୧,୫୮୪/- / ବିଡ୍ ବୃଦ୍ଧି ରାଶି: ଟ.୬୩,୧୫୮/-

**କଲେଜ ରୋଡ୍ ଶାଖା, ଭଦ୍ରକ, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୩୮୧୭୮୨୯୬୯, ଇମେଲ: ubin0818127@unionbankofindia.bank**

| ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ଶ୍ରୀ ସୁରେନ୍ଦ୍ର ସାହୁ, ପିତା: ୰ ଅର୍ଜୁନ ଚରଣ ସାହୁ / ସହ-ଋଣଗ୍ରହୀତା: ଶ୍ରୀମତୀ ସାବିତ୍ରୀ ସାହୁ, ସ୍ୱାମୀ: ଶ୍ରୀ ସୁରେନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ସା: ସାତସୋଲା, ପୋ: ମଞ୍ଜୁରୀ ରୋଡ, ଭାୟା: ଭଣ୍ଡାରୀପୋଖରୀ, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୨୧ | ୧୨.୦୧.୨୦୨୬ ସୁଦ୍ଧା ଟ.୪,୨୧,୪୭୭.୦୪ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

ସମ୍ପତ୍ତିର ନଂ.-୪: ଶ୍ରୀ ସୁରେନ୍ଦ୍ର ସାହୁ, ପିତା: ୰ ଅର୍ଜୁନ ଚରଣ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୬୮/୫୧୫, ପ୍ଲଟ୍ ନଂ.: ୨୩୫୭, କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ସାତସୋଲା, ଥାନା: ଭଣ୍ଡାରୀପୋଖରୀ, ଏସ୍‌ଆରଓ: ଭଣ୍ଡାରୀପୋଖରୀ, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଅଦ୍ୱୈତ ସାହୁ, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପୂର୍ବ: ମେଲଣ ପଡ଼ିଆ, ପଶ୍ଚିମ: ସର୍ବସାଧାରଣ ରାସ୍ତା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୪,୬୪,୨୧୦/- / ଅମାନତ ଜମା: ଟ.୧,୪୬,୪୨୧/- / ବିଡ୍ ବୃଦ୍ଧି ରାଶି: ଟ.୧୪,୬୪୨/-

**ଡୁବୁରୀ-୨ ଶାଖା, ସା: ଡୁବୁରୀ ଜଙ୍କସନ୍, ଜିଲ୍ଲା: ଯାଜପୁର, ମୋ.: ୮୭୨୦୯୮୮୪୧୦, ଇମେଲ: ubin0814113@unionbankofindia.bank**

| ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତାମାନେ: ୧) ମେସର୍ସ ବଣ୍ଟି ଫ୍ଲାଏ ଆସ୍ ବ୍ରିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି, ସ୍ୱାମୀ: ହେମନ୍ତ କୁମାର ମୁଦୁଲି, ୨) ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି, ସ୍ୱାମୀ: ହେମନ୍ତ କୁମାର ମୁଦୁଲି / ଜାମିନ୍‌ଦାରମାନେ: ୧) ଶ୍ରୀ ହେମନ୍ତ କୁମାର ମୁଦୁଲି, ପିତା: ଶରତ କୁମାର ମୁଦୁଲି, ୨) ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି, ପିତା: ଶରତ କୁମାର ମୁଦୁଲି, ସମସ୍ତଙ୍କ ଠିକଣା- ସା: ନିମାପଲ୍ଲି, ପୋ: ପିଙ୍ଗଳ, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୬ | ୧୨.୦୧.୨୦୨୬ ସୁଦ୍ଧା ଟ.୧୦,୫୨,୭୦୬.୫୪ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୫: ଶ୍ରୀ ହେମନ୍ତ କୁମାର ମୁଦୁଲି ଏବଂ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲିଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୫୩, ପ୍ଲଟ୍ ନଂ.: ୯୭, କ୍ଷେତ୍ର: ଏକର୧.୨୯ ଡିସିମିଲି, କିସମ: ଘରବାରି, ମୌଜା: ଗୋଲାଗାଁ, ଏସ୍‌ଆରଓ: ସୁକିନ୍ଦା, ଥାନା: କଳିଙ୍ଗନଗର (ଥାନା ନଂ. ୧୭୪), ଏହାର ଚାରିପାର୍ଶ୍ୱରେ- ଉତ୍ତର: ହେମନ୍ତ ମୁଦୁଲି, ଦକ୍ଷିଣ: ରାସ୍ତା, ପୂର୍ବ: ଅଇଁଠୁ ମୁଦୁଲି, ପଶ୍ଚିମ: ଶରତ ଚନ୍ଦ୍ର ମୁଦୁଲି
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୯,୭୩,୭୦୦.୦୦ / ଅମାନତ ଜମା: ଟ.୧,୯୭,୩୭୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୯,୭୩୭.୦୦

ଇ-ନିଲାମ ତାରିଖ ଏବଂ ସମୟ: ୨୮.୦୧.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: https://baanknet.com
ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ହେବା ପୂର୍ବରୁ
ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : https://baanknet.com, www.unionbankofindia.co.in ଦେଖନ୍ତୁ।

ସ୍ଥାନ: ବାଲେଶ୍ୱର
ତାରିଖ: ୧୨.୦୧.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# ରାଜ୍ୟସ୍ତରୀୟ କ୍ରିକେଟ: ସେମିରେ ବିଶ୍ୱଭାରତୀ, କଟକ

ବଡ଼ଚଣା, ୧୨।୧ (ଦିଲୀପ କୁମାର ମହାନ୍ତି) :

ବଡ଼ଚଣା ବ୍ଲକ୍ ନିଶିମଳା ଖେଳ ପଡିଆରେ ସତ୍ୟନାରାୟଣ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୪୨ତମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳରେ କଟକ ବିଶ୍ୱଭାରତୀ କ୍ରିକେଟ ଟିମ୍ କେନ୍ଦ୍ରାପଡ଼ାର ବାଲାବାବା ଟିମ୍‌କୁ ୨ ରନ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ଶିରିଶ ସାମଲ, ମୁଖ୍ୟ ବକ୍ତାଭାବେ ଚଣ୍ଡିଖୋଲ ବାର୍ ଆସୋସିଏଶନ ସମ୍ପାଦକ ପ୍ରକାଶ ଦାସ, ସମ୍ମାନିତ ଅତିଥି ଅମୂଲ୍ୟ ଜେନା ଓ ପ୍ରମୋଦ ଜେନା ଯୋଗଦେଇଥିଲେ।




ଅତିଥିମାନେ ମ୍ୟାନ୍ ଅଫ୍ ଦ ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି।

କଟକର ବିଶ୍ୱଭାରତୀ ପ୍ରଥମେ ବ୍ୟାଟିଂକରି ୨୦ ଓଭରରେ ୧୭୪ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସମ୍ବିତି କୁମାର ସାହୁ ସର୍ବାଧିକ ୩୨ବଲରେ ୭୮ ରନ ସଂଗ୍ରହ କରିଥିଲେ। ଜବାବରେ ବାଲାବାବା କେନ୍ଦ୍ରାପଡ଼ା ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟରେ ୧୭୨ ରନକରି ୨ରନରେ ପରାଜିତ ହୋଇଥିଲା। ଦଳ ପକ୍ଷରୁ ବିଭୂତି ଭୂଷଣ ମଲିକ ୨୮ବଲରେ ୭୦ ରନ କରିଥିଲେ। ବନଦୁର୍ଗା ଜୁଏଲେରି ମାଲିକ ଆକାଶ ସାହୁ ମ୍ୟାନ୍ ଅଫ୍ ଦ ମ୍ୟାଚ ଟ୍ରଫି ସନ୍ଦୀପ କୁମାର ସାହୁଙ୍କୁ ପ୍ରଦାନ କରିଥିଲେ। ନଗେଶ ଜେନା, ଅଧ୍ୟାପକ ତପନ ଜେନା, ପ୍ରଦୀପ ଜେନା, ବସନ୍ତ ଜେନା, ମକରଧ୍ୱଜ ଦାସ ଓ ପ୍ରେସ୍ କ୍ଲବ ଚଣ୍ଡିଖୋଲର ଉପସଭାପତି ସମରେନ୍ଦ୍ର ମାହାଲା, ମହେଶ୍ୱର ରାଉତ, ମହନୀ ଖିଲାର, ହେମନ୍ତ ଦାସ, ସୁଶାନ୍ତ ନାୟକଙ୍କୁ ସମ୍ମାନିତ କରିଥିବାର ସଭାପତି ପ୍ରୀତମ ନାୟକ ପ୍ରକାଶ କରିଥିଲେ। ଯତିନ୍ଦ୍ର ନାୟକ ଓ ସତ୍ୟରଞ୍ଜନ ସାମଲ ଖେଳ ପରିଚାଳନା କରିଥିଲେ। ଧାରା ବିବରାଣୀ ଅବିନାଶ ଜେନା ଓ ପର୍ଜେସ ସ୍ୱାଇଁ ପ୍ରଦାନ କରୁଥିଲେ। ସତ୍ୟନାରାୟଣ କ୍ଲବ୍‌ର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ସଂକ୍ଷେପରେ

### ଗୋଚର ଜଙ୍ଗଲ ଜମି ଉଚ୍ଛେଦ କଲା ପ୍ରଶାସନ

ମହାକାଳପଡ଼ା,୧୨।୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ରାମନଗର ରାଜସ୍ୱ ସର୍କଲ ଅଧୀନ ସ୍ଥାନୀୟ ବରଜବହାକୁଦ ଗ୍ରାମର ୮ ଜଣ ବେଦଖଲକାରୀଙ୍କ ଗୋଚର ଓ ଜଙ୍ଗଲ ଜମିକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ଅଭିଯାନ ଜୋରଦାର କରାଯାଇଛି। ଏହି ୮ ଜଣ ବେଆଇନ ଜମି ଦଖଲକାରୀଙ୍କୁ ନୋଟିସ କରାଯାଇଥିଲା। ପରେ ସେମାନେ ସରକାରୀ ନୋଟିସକୁ ଅମାନ୍ୟ କରିଥିଲେ। ସୋମବାର ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, ରାଜସ୍ୱ ଶାନ୍ତନୁ କୁମାର ଦଳାଇ, ଜମ୍ବୁ ସାମୁଦ୍ରିକ ଥାନା ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ପରେ ପ୍ରଶାସନ ପକ୍ଷରୁ ଶ୍ରମିକମାନେ ଉଚ୍ଛେଦରେ ସହଯୋଗ କରିଥିଲେ। ସରକାରୀ ଜମି ଜବରଦଖଲକାରୀଙ୍କ ମଧ୍ୟରେ ବରଜ ବହାକୁଦ ଗ୍ରାମର ସେକ୍ ରାଜୁ, ସେକ୍ ଜାମୁ , ଗଜେନ୍ଦ୍ର ବେହେରା, ହେମନ୍ତ ପରିଡ଼ା, କାର୍ତ୍ତିକ ସାମଲ , ଜପହରି ସାମଲ, ପ୍ରତାପ ସାମଲ ଓ କୈଳାସ ସାମଲ ପ୍ରମୁଖ କିଛି ବର୍ଷ ପୂର୍ବେ ବେଆଇନ ଭାବେ ଦଖଲ କରି ଫସଲ ଅମଳ କରୁଥିଲେ। ସ୍ଥାନୀୟ ଲୋକଙ୍କ ବିରୋଧ ଓ ଅଭିଯୋଗକ୍ରମେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି ବୋଲି ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର କହିଛନ୍ତି।

### ମାର୍ଶାଘାଇ ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ମାର୍ଶାଘାଇ, ୧୨।୧(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତିରେ ସୋମବାର ସରକାରୀ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ସମବାୟ ସମିତି ସଭାପତି ପ୍ରଦୀପ୍ତ କୁମାର ଗାହଣ, କେନ୍ଦ୍ରାପଡ଼ା ଏଆର୍‌ସିଏସ୍ ଯୋଗେନ୍ଦ୍ରନାଥ ବିଶ୍ୱାଳ,ମାର୍ଶାଘାଇ ବିଡିଓ ପଞ୍ଚାନନ ମଳିକ ଅତିଥିଭାବେ ଯୋଗଦେଇ ପୂଜାର୍ଚ୍ଚନା ପରେ ମଣ୍ଡି ଉଦ୍‌ଘାଟନ କରିଥିଲେ । ଏବିଡିଓ ଇତିଶ୍ରୀ ପଣ୍ଡା, ପ୍ରିୟଙ୍କା ସାହୁ, ସୁଜିତ ଦାସ, ସତ୍ୟଗୁରୁ ନିହାରକାନ୍ତ, ରାଜେଶ ସେଠୀ, ଜିତେନ୍ଦ୍ର ବିଶ୍ୱାଳ, ରାଜୀବ ଲୋଚନ ମହାନ୍ତି, ସମିତି ନିର୍ଦ୍ଦେଶକ ମଣ୍ଡଳୀ ସଭ୍ୟ ମନୋରଞ୍ଜନ ସାମଲ ଓ ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟରେ ୧୮ ଲକ୍ଷ ମେଟ୍ରିକ ଟନ ଧାନ କିଣା ସରିଛି

## କୁଶିଆପାଳ ସମବାୟ ସମିତିରେ ମଣ୍ଡି ଉଦଘାଟନ କଲେ ମନ୍ତ୍ରୀ

ଡେରାବିଶ, ୧୨।୧ (ବେବର୍ତ୍ତା ଅଭୟ ଦାସ)



ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟମାନେ ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ଡେରାବିଶ ବ୍ଲକ କୁଶିଆପାଳ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତିରେ ସୋମବାର ସନ୍ଧ୍ୟାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଚଳିତ ବର୍ଷର ଧାନ ମଣ୍ଡି ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ ଆଜି ସୁଦ୍ଧା ରାଜ୍ୟରେ ୧୮ଲକ୍ଷ ମେଟ୍ରିକ ଟନ ଧାନ ଚାଷୀମାନଙ୍କଠାରୁ କ୍ରୟ କରାଯାଇଥିବା ନେଇ କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଘୋଷଣା କରିଥିବା ଧାନ କ୍ରୟ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ସହ ଏହି ଅର୍ଥ ପଞ୍ଜୀକୃତ ସମସ୍ତ ଚାଷୀଙ୍କ ବ୍ୟାଙ୍କ ଜମାଖାତାକୁ ପଠାଇ ଦିଆଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଗତ ୧୬ ମାସ ମଧ୍ୟରେ ଅନ୍ନଦାତାଙ୍କ ମୁହଁରେ ହସ ଫୁଟାଇବା ପାଇଁ ସରକାର ସଙ୍କଳ୍ପବଦ୍ଧ। ପ୍ରତ୍ୟେକ ଚାଷୀଙ୍କ ଧାନକୁ କ୍ରୟ କରାଯିବା ସହ କୌଣସି ଅସୁବିଧା ଉପୁଜିଲେ ବିଭାଗ ପକ୍ଷରୁ ଦିଆଯାଇଥିବା ଟୋଲଫ୍ରି ନମ୍ବର କିମ୍ବା ତାଙ୍କୁ ବ୍ୟକ୍ତିଗତ ଭାବେ ଚାଷୀମାନେ ଅଭିଯୋଗ କରିପାରିବେ ବୋଲି ମନ୍ତ୍ରୀ କହିଥିଲେ। ଅନ୍ନଦାତା ଓ ମହିଳାଙ୍କ ବିକାଶ ପାଇଁ ସରକାର ସଙ୍କଳ୍ପ ବଦ୍ଧ ହୋଇଥିବା ବେଳେ ସମସ୍ତ ମଣ୍ଡିରେ ଚାଷୀମାନେ କିପରି ସୁବିଧାରେ ସେମାନଙ୍କ ଉତ୍ପାଦିତ ଧାନ ବିକ୍ରୟ କରିପାରିବେ ସେ ଦିଗରେ ଉଦ୍ୟମ କରାଯାଉଥିବା ମନ୍ତ୍ରୀ ପାତ୍ର କହିଥିଲେ। ଉତ୍ସବରେ ସମବାୟ ସମିତି ପରିଚାଳନା ପରିଷଦ ସଭାପତି ନାରାୟଣ ପ୍ରସାଦ ପାତ୍ରଙ୍କ ଅକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଉପ ଜିଲାପାଳ ଅରୁଣ କୁମାର ନାୟକ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ଜିଲା ଯୋଗାଣ ଅଧିକାରୀ ବେଣୁଧର ପାଣି, ଜିଲା ସମବାୟ ସମୂହ ସହକାରୀ ନିବନ୍ଧକ ପ୍ରଭାକର ନାୟକ, ସହକାରୀ ଉପ ନିବନ୍ଧକ ଯୋଗେନ୍ଦ୍ର ନାଥ ବିଶ୍ୱାଳ, ଡେରାବିଶ ବିଡିଓ ନମିତା ବାରିକ ପ୍ରମୁଖ ଯୋଗ ଦେଇଥିଲେ।

ଡେରାବିଶ ବ୍ଲକ ଅଞ୍ଚଳକୁ ମନ୍ତ୍ରୀଙ୍କ ପ୍ରଥମ ଗସ୍ତ ଅବସରରେ ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀଙ୍କ ନେତୃତ୍ୱରେ ଦଳୀୟ ନେତୃବୃନ୍ଦ ସ୍ୱାଗତ କରିଥିଲେ। ଏହି ଅବସରରେ ସମବାୟ ସମିତି ସମ୍ପାଦକ ମୃତ୍ୟୁଞ୍ଜୟ ଦାସଙ୍କୁ ତାଙ୍କ କାର୍ଯ୍ୟଦକ୍ଷତା ପାଇଁ ମନ୍ତ୍ରୀ ପାତ୍ର ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଯୋଗାଣ ନିରୀକ୍ଷକ ସ୍ୱରୂପ ଦାସ, ସହସମ୍ପାଦକ ମାନସ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ଡିଇଓ ଧ୍ରୁବଚରଣ ନାୟକ, ଅଗ୍ରଣୀ ଚାଷୀ ଫଗୁଚରଣ ସାହୁଙ୍କ ସମେତ ପରିଚାଳନା ପରିଷଦର ସମସ୍ତ ନିର୍ଦ୍ଦେଶକ ଓ ସମବାୟ ସମିତି କର୍ମଚାରୀ ସହଯୋଗ କରିଥିଲେ।

# ମହୋତ୍ସବକୁ ଜିଲା ବିଜେଡିର ବର୍ଜନ



ଜିଲାପାଳଙ୍କ କାର୍ଯ୍ୟାଳୟରେ ରାଜନଗର ବିଧାୟକ ଧ୍ରୁବ ସାହୁ ଓ ଅନ୍ୟ ଦଳୀୟ ନେତା ।

କେନ୍ଦ୍ରାପଡ଼ା, ୧୨।୧ (ଜଗନ୍ନାଥ ଧଳ)– କେନ୍ଦ୍ରାପଡ଼ା ଜିଲା ମହୋତ୍ସବ ସହରର ଜିଲ୍ଲାମୁଖ୍ୟାଳୟ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ସୋମବାରଠାରୁ ଆରମ୍ଭ ହୋଇଛି। ଏହାକୁ ଜିଲା ବିଜେଡି ପକ୍ଷରୁ ବର୍ଜନ କରାଯାଇଛି। ଜିଲାପାଳ କାର୍ଯ୍ୟାଳୟ ପରିସରରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଜିଲାର ଉନ୍ନୟନ କାର୍ଯ୍ୟ ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ମହୋତ୍ସବକୁ ବିଜେଡି ବର୍ଜନ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୨୪ରେ ରାଜ୍ୟ ସରକାର ଭାଜପା ହାତକୁ ଗଲାପରେ କେନ୍ଦ୍ରାପଡ଼ା ଜିଲାର ବିକାଶ ଠପ୍ ହୋଇଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଭାଜପା କର୍ମକର୍ତ୍ତାଙ୍କ ହସ୍ତକ୍ଷେପ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। ପ୍ରଶାସନିକ ଅଧିକାରୀଙ୍କୁ ଧମକ ଦେବା, ଆକ୍ରମଣ ଉଦ୍ୟମ ପରି ଘଟଣା ଦେଖିବାକୁ ମିଳୁଛି । ଏପରିସ୍ଥଳେ ଜିଲା ମହୋତ୍ସବ ପାଳନ ଜନସାଧାରଣଙ୍କ ପାଇଁ ଏକ ଉପହାସ ପାଲଟିଛି। ଏଥିପାଇଁ ଜିଲା ବିଜେଡି ଏହାକୁ ବର୍ଜନ କରୁଛି । ଜିଲା ବିଜେଡି ପକ୍ଷରୁ ଆସନ୍ତା ୧୬ରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ପରିସ୍ଥିତିକୁ ନେଇ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ବିଧାୟକ ସାହୁ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

# ଆଳିରେ ଆରମ୍ଭ ହେଲା ଧାନମଣ୍ଡି

ଆଳି, ୧୨।୧(ବନମାଳୀ ସେନାପତି)

ଆଳି ବ୍ଲକ୍‌ରେ ସୋମବାରରୁ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରିବା ନିମନ୍ତେ ଆରମ୍ଭ ହୋଇଛି ମଣ୍ଡି । ଏହି ଅବସରରେ ଆଳି ଦେମାଳ ସମବାୟ ସମିତି ମଣ୍ଡିକୁ ବିଡିଓ ଅବିନାଶ ବିଶ୍ୱଜିତ ସେଠୀ ଉଦ୍‌ଘାଟନ କରିଥିବା ବେଳେ ବ୍ଲକ ଯୋଗାଣ ଅଧିକାରୀ ଓମ୍ ବିଭୁ ପ୍ରସାଦ କର ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମବାୟ ସଭାପତି ରବୀନ୍ଦ୍ର ଲେଙ୍କା, ସମ୍ପାଦକ ସତ୍ୟରଞ୍ଜନ ମଲ୍ଲିକ ପ୍ରମୁଖଙ୍କ ସମେତ ସମବାୟ ସମିତିର ସମସ୍ତ ବୋର୍ଡ ସଦସ୍ୟ ଓ ସମବାୟ ଅଧୀନରେ ଥିବା ଚାଷୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଚିରଞ୍ଜୀବୀ ଦାଶ ଓ ରମାକାନ୍ତ ରାୟ ପରିଚାଳନା କରିଥିଲେ । ସେହିପରି ପତ୍ରପୁର,ବାଟିପଡା,ଭୂଇଁପୁର,ଡିମିରିପାଳ,ମହୁ,ସିଙ୍ଗିରି,କଣ୍ଟିପୁର,ନୂଆଗାଁ, ଦେସାହି ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି । ଗତ ୯ ତାରିଖରେ କେନ୍ଦ୍ରାପଡ଼ା ଜିଲାସ୍ତରରେ ମଣ୍ଡି ଶୁଭାରମ୍ଭ ହୋଇଥିବା ବେଳେ ଆଳିର କିଛି ମଣ୍ଡି ଆରମ୍ଭ ହୋଇଥିଲା। ମଣ୍ଡି ଖୋଲିଥିବା ବେଳେ ଚାଷୀମାନଙ୍କ ନିକଟରୁ କେବେ ଧାନ ନିଆଯିବ ସେ ନେଇ କାହା ପାଖରେ ଖବର ନାହିଁ । ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଧାନମଣ୍ଡି ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅଧିକାରୀମାନେ ।

## ଧାନ କିଣାକୁ ନେଇ ପ୍ରଶ୍ନ

ଏ ନେଇ ଆଳି ବ୍ଲକ ଯୋଗାଣ ଅଧିକାରୀ ଓମ୍ ବିଭୁ ପ୍ରୀତମ କରଙ୍କୁ ପଚାରିବାରୁ ପୂର୍ବରୁ ୧୧ ମଣ୍ଡିରୁ ଧାନକିଣା ଯାଉଥିବା ବେଳେ ଚଳିତ ଥର ୧୩ ଟି ମଣ୍ଡି ଖୋଲାଯାଇଛି। ମିଲର ଆଟାଚ ହୋଇ ନ ଥିବାରୁ ଧାନ କିଣା ବିଳମ୍ବ ହେଉଛି । ସପ୍ତାହକ ମଧ୍ୟରେ ମିଲର ଆଟାଚ ମେଣ୍ଟ କାର୍ଯ୍ୟ ଶେଷ ହୋଇ ଚାଷୀଙ୍କ ନିକଟରୁ ଧାନ ନିଆଯିବାର ବ୍ୟବସ୍ଥା କରାଯାଉଥିବା ନେଇ ପ୍ରକାଶ କରିଛନ୍ତି ।


**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ଢେଙ୍କାନାଳ ମୁଖ୍ୟ ଶାଖା**
ମୀନା ବଜାର, ଜଗନ୍ନାଥ ରୋଡ୍, ସା/ପୋ./ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, ଇମେଲ୍ : ubin0554057@unionbankofindia.bank

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ବାବୁଲି ବେହେରା, ପିତା: ଶ୍ରୀ ସୁର ବେହେରା, ୨) ଶ୍ରୀମତୀ କଳ୍ପନା ବେହେରା, ସ୍ୱାମୀ: ଶ୍ରୀ ବାବୁଲି ବେହେରା, ଉଭୟଙ୍କ ଠିକଣା- ସା: ଚାଇଁପୁର ପଟଣା, ପୋ: ଗଦାଶିଳା, ଢେଙ୍କାନାଳ ସଦର, ପିନ୍ - ୭୫୯୦୨୫ | ୩୦.୦୯.୨୦୨୫ ସୁଦ୍ଧା ଟ.୪,୭୪,୬୫୧.୮୩ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୧୪.୦୨.୨୦୨୩ / ୦୭.୦୧.୨୦୨୬ | **ଶ୍ରୀ ବାବୁଲି ବେହେରା,** ପିତା: ଶ୍ରୀ ସୁର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୧/୨୪୯, ମ୍ୟୁଟେସନ୍ ଖାତା ନଂ.: ୨୦/୭୦, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ଚାଇଁପୁର ପଟଣା, ତହସିଲ: ଢେଙ୍କାନାଳ ସଦର, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦିବାକର ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୮, ପଶ୍ଚିମ: ରାସ୍ତା |

ସ୍ଥାନ: ଢେଙ୍କାନାଳ, ତାରିଖ: ୧୨.୦୧.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# ଚରପଡା ପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବ



ଅନ୍ୟ ଦଳ ଛାଡି ଭାଜପାରେ ସାମିଲ ହୋଇଥିବା କର୍ମୀ ।

ରାଜକନିକା, ୧୨।୧(ରବୀନ୍ଦ୍ର କୁମାର ଦାସ): ରାଜକନିକା ବ୍ଲକ ଚରପଡା ପଞ୍ଚାୟତରେ ଭାଜପାର ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି।ଭାଜପା ନେତା ଯଯାତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ଏମ୍‌ପି ସୁଜିତ କୁମାର,ସନମ୍ମାନିତ ଅତିଥି ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,କେନ୍ଦ୍ରାପଡା ଜିଲା ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା. ଯୁବ ନେତା ଶୁଭ୍ର ରଞ୍ଜନ ସାମଲଙ୍କ ଉପସ୍ଥିତରେ ଅନ୍ୟ ଦଳ ଛାଡି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କର୍ମୀ ଭାଜପାରେ ସାମିଲ ହୋଇ ଥିବା ବେଳେ ଜାଗୁଲାଇପଡା ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ତଥା ଯୁବ ବିଜେଡି ନେତା ବସନ୍ତ ନାୟକ ପ୍ରମୁଖ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଏହି ଅବସରରେ ଦଳରେ ମିଶିଥିବା ସମସ୍ତ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଫୁଲତୋଡା ଦେଇ ସ୍ୱାଗତ କରାଯାଇଥିଲା । ଏହି ମିଶ୍ରଣ ପର୍ବରେ ଚରପଡା ପଞ୍ଚାୟତ ବିଜେପି କର୍ମୀ ମାନେ ଉପସ୍ଥିତ ରହି ସଭା ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଶାସନିକ ଶିବିରରେ ୧୩୭ ଅଭିଯୋଗର ଶୁଣାଣି

